# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୮ ◆ ଭୁବନେଶ୍ୱର ◆ ସୋମବାର ◆ ଅକ୍ଟୋବର ୧୨ରୁ ଅକ୍ଟୋବର ୧୮, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-08 ◆ Bhubaneswar ◆ Monday ◆ October 12 to October 18, 2026 ◆ Page-8 ◆ Price Rs.4.00


## ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,(ଜା.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଚତରୀସାହି ଗାଁରେ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଗତକାଲି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଘରୁ ଉଦ୍ଧାର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କାଲି ସ୍ୱାମୀର ଓ ଆଜି ସ୍ତ୍ରୀର ମୃତ୍ୟୁ ଘଟିଛି। ଯଶିପୁର ଥାନା ଅସନବଣି ଗାଁର ଭଞ୍ଜ ସିର୍କା (୩୫) ସ୍ତ୍ରୀ ବିରାଙ୍ଗ ସିର୍କାଙ୍କ ସହିତ ଗତ ଗୁରୁବାର ଦିନ ଶ୍ୱଶୁର ଘର ଚତରୀସାହି ଗାଁକୁ ଆସିଥିଲେ। ସେଠାରେ ସେମାନେ ତାଙ୍କ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗ ଦେଇଥିଲେ। ଶୁକ୍ରବାର ଦିନ ପୂରା ପରିବାର ଭୋଜି ଖାଇ ଶୋଇ ଯାଇଥିଲେ। ପର ଦିନ ସକାଳରେ ଏହି ଦମ୍ପତିଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯାଇଥିଲା। ସେମାନଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶନିବାର ଭଞ୍ଜ ସିର୍କାଙ୍କର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମୃତ୍ୟୁ ଘଟିଥିଲା । ବିରାଙ୍ଗ ସିର୍କାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ରାଇରଙ୍ଗପୁର ଟାଉନ ଥାନା ପୁଲିସ ଘଟଣାର ତଦନ୍ତ କରୁଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଦିଲ୍ଲୀରେ ପୁଲିସର କଟକଣାକୁ ସୁପ୍ରିମ୍ ତାଗିଦ୍

# ବ୍ୟାରିକେଡ୍ ହଟାଅ, ଇଣ୍ଟରନେଟ୍ ଯୋଗାଅ

ନୂଆଦିଲ୍ଲୀ,(ଏଜେନ୍ସି): ଚାରିଆଡ଼େ ନାକାବନ୍ଦୀ। ହଜାର ହଜାର ସୁରକ୍ଷା କର୍ମୀ। ଛକ ଛକରେ ବ୍ୟାରିକେଡ୍। ଇଣ୍ଟରନେଟ୍ ଠପ୍, ବନ୍ଦ ଥିଲା ମେଟ୍ରୋ ଷ୍ଟେସନ୍। ସିଜେପି ବିକ୍ଷୋଭକୁ ରୋକିବାକୁ ରାଜଧାନୀ ଦିଲ୍ଲୀର ଅଭେଦ୍ୟ ସୁରକ୍ଷା ଛାଉଣୀକୁ ଆଜି ଭାଙ୍ଗି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଛୁଟି ଦିନରେ ଜରୁରୀକାଳୀନ ଶୁଣାଣି କରି ଦିଲ୍ଲୀ ପୁଲିସକୁ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ବ୍ୟାରିକେଡ୍ ହଟାଇବା ସହିତ ଇଣ୍ଟରନେଟ୍ ଯୋଗାଇବାକୁ ସୁପ୍ରିମକୋର୍ଟ ଆଦେଶ ଦେଇଛନ୍ତି। ମେଟ୍ରୋ ଓ ରେଳ ଚଳାଚଳ ସ୍ୱାଭାବିକ କରିବା, ଲୋକଙ୍କ ଯାତାୟାତ ଉପରେ ଅନାବଶ୍ୟକ କଟକଣା ନ ଲଗାଇବା, ଇଣ୍ଟରନେଟ୍ ?ସେବା ବନ୍ଦ ନ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ବେଆଇନ ଭାବେ ଅଟକ ନ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀରେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିର ସିଜେପି ଆନ୍ଦୋଳନକୁ ରୋକିବା ପାଇଁ କେନ୍ଦ୍ର ସରକାର ଲଗାଇଥିବା କଟକଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ରବିବାର କଡ଼ା ଟିପ୍ପଣୀ କରିଛନ୍ତି। ରବିବାର ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜନସାଧାରଣଙ୍କୁ ବନ୍ଧକ ରଖାଯାଇପାରିବ ନାହିଁ। ଅତି ଜରୁରୀ ନଥିଲେ ବ୍ୟାରିକେଡ୍ ତୁରନ୍ତ ହଟାଯାଇ ଯାତାୟାତକୁ ସ୍ୱାଭାବିକ କରାଯାଉ। ସୁପ୍ରିମକୋର୍ଟ ପରିସର ଓ ଆଖପାଖ ଅଞ୍ଚଳରୁ




ତୁରନ୍ତ ବିଏନ୍ଏସ୍ ୧୬୩ ହଟାଇବା, ମେଟ୍ରୋ, ଇଣ୍ଟରନେଟ୍ ସ୍ୱାଭାବିକ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କାହାକୁ ବେଆଇନ ଭାବେ ଅଟକ ନ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଆଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ କହିଥିଲେ ଯେ ଆମେ ପୂର୍ବରୁ ବି କହିଥିଲୁ ମେଟ୍ରୋ ଚଳାଚଳ ଉପରେ ରୋକ୍ ଲଗାନ୍ତୁ ନାହିଁ। ଆପଣ ୪୫ ମେଟ୍ରୋ ଷ୍ଟେସନ ବନ୍ଦ କରିଦେଇଛନ୍ତି। ଏହି ଉପରେ ସଲିସିଟର ତୁଷାର ମେହେଟ୍ଟା କହିଛନ୍ତି ଯେ, ୩୦୩ରୁ କେବଳ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ ରହିଥିଲା। ବର୍ତ୍ତମାନ ମେଟ୍ରୋ ଷ୍ଟେସନ ଖୋଲା ରହିଛି। ମେଟ୍ରୋ ଚଳାଚଳ ସୁଚାରୁ ରୂପେ ଚାଲିଛି। ଏହାକୁ ନେଇ ସୁପ୍ରିମକୋର୍ଟ କହିଥିଲେ, ଆଇନକାନୁନ ବ୍ୟବସ୍ଥା ସଠିକ୍ ରହିବା ଆବଶ୍ୟକ। ଯଦି ପରିସ୍ଥିତି ବିଗୁଡୁଛି ତାହାକୁ ଦେଖି ନିଷ୍ପତ୍ତି ନେବା ଆବଶ୍ୟକ। ମେଟ୍ରୋ ଷ୍ଟେସନ ବନ୍ଦ ନେଇ ଏକ ଯାଚିକା ସୁପ୍ରିମକୋର୍ଟରେ ଦାଖଲ ହୋଇଥିଲା।

ଅନ୍ୟପଟେ ବିକ୍ଷୋଭ ବେଳେ ଓକିଲ ଓ ସାମ୍ବାଦିକଙ୍କ ପାଇଁ କଟକଣାକୁ ନେଇ ଖଣ୍ଡପୀଠ ଅସନ୍ତୋଷ ଜାହିର୍ କରିଛନ୍ତି। ପ୍ରତିବାଦ କରିବାର ଅଧିକାର ଅଛି, କିନ୍ତୁ ତାହା ଆଇନର ସୀମା ଭିତରେ ରହିବା ଦରକାର ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ପୂର୍ବ ନିର୍ଦ୍ଦେଶକୁ ଅବମାନନା କରି ସାର୍ବଜନୀନ ପରିବହନ ବନ୍ଦ କରିଥିବାରୁ ମଙ୍ଗଳବାର ସୁଦ୍ଧା ଜବାବ ଦାଖଲ ପାଇଁ ଦିଲ୍ଲୀ ପୁଲିସକୁ ନୋଟିସ୍ ଜାରି ହୋଇଛି।

ଏପଟେ ପ୍ରାୟ ୧୨ ଘଣ୍ଟା ପରେ ପୁଲିସ ହେପାଜତରୁ ମୁକୁଳିଛନ୍ତି ତିନି ସିଜେପି ନେତା ଅଭିଜିତ ଦୀପକେ, ଆଶୁତୋଷ ରାଙ୍କା ଓ ସୌରଭ ଦାସ। ଗତକାଲି ଏମାନଙ୍କୁ ବିମାନ ଭିତରୁ ନେଇ ପୁଲିସ ଅଟକ ରଖିଥିଲା। ଦିଲ୍ଲୀର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ସମସ୍ତଙ୍କୁ ମୁକ୍ତ କରିବା ସହିତ କଡ଼ା ସର୍ତ୍ତ ରଖିଛନ୍ତି। ଅଦାଲତଙ୍କ ସର୍ତ୍ତ ଅନୁସାରେ, ବର୍ଷେ ପର୍ଯ୍ୟନ୍ତ କେହି ବି ବିଶୃଙ୍ଖଳା କରିବେ ନାହିଁ ଅର୍ଥାତ ଶାନ୍ତି ବଜାୟ ରଖିବେ। ଅଟକ ଥିବା ୟୁଟ୍ୟୁବର ଧ୍ରୁବ ରାଠୀଙ୍କୁ ମଧ୍ୟ ପୁଲିସ ଛାଡ଼ି ଦେଇଛି। ଗତକାଲି ସିଜେପି ଆନ୍ଦୋଳନ ପୂର୍ବରୁ ପୁଲିସ ଧ୍ରୁବଙ୍କୁ ଅଟକ ରଖିଥିଲା। ଗୁରୁଗ୍ରାମ ସ୍ଥିତ ବାସଭବନରେ ଧ୍ରୁବ ରାଠୀଙ୍କୁ ଅଟକ ରଖାଯାଇଥିଲା। ରାତି ୩ଟାରେ ରାଠୀଙ୍କୁ ଛଡା ଯାଇଥିବା ନେଇ ପୁଲିସ ସୂଚନା ଦେଇଛି।

ସେପଟେ ମୁକ୍ତ ହେବା ପରେ ପ୍ରେସମିଟରେ ସିଜେପି କହିଛି, ଆମେ ପଛକୁ ହଟିବୁ ନାହିଁ। ସିଇସି ଜ୍ଞାନେଶ କୁମାର ପଦରୁ ଇସ୍ତଫା ନ ଦେବା ଯାଏ ଅଭିଯାନ ଜାରି ରହିବ। ତମାମ ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛି ବିଜେପି। ଦଳ କହିଛି, ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଛାତ୍ର ଓ ଯୁବପିଢ଼ିଙ୍କୁ ବ୍ୟବହାର କରି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି।

ସେପଟେ ଆସନ୍ତାକାଲି ଦିଲ୍ଲୀରେ ବିଶାଳ ପ୍ରତିବାଦକୁ ଓହ୍ଲାଇବ ଇଣ୍ଡିଆ ବ୍ଲକ୍। ସୁପ୍ରିମକୋର୍ଟ ଯାଏଁ ରାଲିରେ ଯାଇ ପ୍ରଧାନ ବିଚାରପତିଙ୍କୁ ସ୍ମାରକପତ୍ର ଦେବ ବିରୋଧୀ ମେଣ୍ଟ। ଏସଆଇଆର ପ୍ରସଙ୍ଗରେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଆଗକୁ କି ମୋଡ଼ ନେଉଛି ତାଉପରେ ନଜର ରହିଛି।

# ନବରାତ୍ର ପୂଜା: କମ୍ପୁଛି ଶକ୍ତିପୀଠ

ଭୁବନେଶ୍ୱର,(ଜା.ପ୍ର): ଘଣ୍ଟି ଘଣ୍ଟାର ଧ୍ୱନି... ଚଣ୍ଡୀପାଠରେ ପ୍ରକମ୍ପିତ ଗଗନପବନ। ପ୍ରତିଟି ଧ୍ୱନିରେ ମାଆଙ୍କ ଆବାହନ...ପ୍ରତିଟି ପ୍ରାର୍ଥନାରେ ଭକ୍ତିର ନିବେଦନ। ଦୀପର ପ୍ରତିଟି ଶିଖାରେ ଝଲସିଉଠିଛି ଆସ୍ଥାର ଆଲୋକ। ଅନୁଭବ ହୋଇଛି ମାଆଙ୍କ ଉପସ୍ଥିତି, ଦେବୀଙ୍କ ଦିବ୍ୟ ଶକ୍ତିର ସ୍ପନ୍ଦନ। ଶାରଦୀୟ ଦୁର୍ଗାପୂଜାର ଅନନ୍ୟ ପରମ୍ପରା ନବରାତ୍ର ପୂଜା। ଆଜିଠୁ ୯ ଦିନ ଧରି ବିଭିନ୍ନ ଶକ୍ତିପୀଠରେ ଚାଲିବ ମାଆଙ୍କ ସ୍ୱତନ୍ତ୍ର ପୂଜା ଆରଧନା ଓ ବେଶ ଦର୍ଶନ। ଏଥିପାଇଁ ଚଳଚଞ୍ଚଳ ରାଜ୍ୟର ସମସ୍ତ ପ୍ରମୁଖ ଶକ୍ତିପୀଠ। ନବାରାତ୍ରରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ପରିବାରର ସୁଖ ଶାନ୍ତି କାମନା କରି ୯ ଦିନ ଧରି ନିଷ୍ଠାର ସହ ମାଆଙ୍କ ଉପସନା କରିଥାନ୍ତି। ଆଉ ଏପଟେ ଘଣ୍ଟ, ଘଣ୍ଟା, ବ୍ରାହ୍ମଣଙ୍କ ମନ୍ତ୍ରୋଚାରଣ ଓ ଭକ୍ତଙ୍କ ଗହଳି ଭିତରେ ୯ ଦିନଧରି ଉତ୍ସବମୁଖର ହୋଇ ଉଠେ ଶକ୍ତିପୀଠ। ଆରମ୍ଭ ହୋଇଛି ମା'ଙ୍କ ଆରାଧନାର ପବିତ୍ର ପର୍ବ, ନବରାତ୍ର। ଭକ୍ତିର ଏହି ମହାପର୍ବରେ ମାଆଙ୍କ ଆବାହନ ପାଇଁ ସଜେଇ ହୋଇଛି ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ।

ଜଗତସିଂହପୁର ଝଙ୍କଡ଼ର ଶାରଳା ପୀଠରେ ନବରାତ୍ରର ପ୍ରଥମ ଦିନରେ ବଡ଼ି ଭୋରରୁ ସୃଷ୍ଟି ହୋଇଥିଲା ଅଧ୍ୟାତ୍ମିକ ପରିବେଶ। ଭୋର ୪ଟାରୁ ଦ୍ୱାରଫିଟା ନୀତି ପରେ ଦିନ ତମାମ ଚାଲିଥିଲା ବିଧିବିଧାନରେ ପୂଜାର୍ଚ୍ଚନା, ଭକ୍ତଙ୍କ ଗହଳି। କଟକର ଆରାଧ୍ୟା ଦେବୀ ମା କଟକ ଚଣ୍ଡୀ ଓ ଗଡ଼ଚଣ୍ଡୀଙ୍କ ପୀଠରେ ନବଦିନାତ୍ମକ ପୂଜା ପାଇଁ କେତେ ବିଧି କେତେ ଆୟୋଜନ। ଷୋଡ଼ଶ ଉପଚାର ପୂଜା ସହ ଚଣ୍ଡୀପାଠ, ହୋମଯଜ୍ଞରେ କମ୍ପିଛି ମନ୍ଦିର ପରିସର।

ଏଣେ ବାଙ୍କୀ ଚର୍ଚ୍ଚିକାଙ୍କ ପୀଠରେ ପରମ୍ପରା ଅନୁସାରେ ପାଳନ ହୋଇଛି ସମସ୍ତ ନୀତିକାନ୍ତି। ଭୋରରୁ ମହାନଦୀରୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ସିଂହବାହିନୀ ବେଶରେ ଦର୍ଶନ ଦେଇଥିଲେ ମାଆ। ସେହିଭଳି ବଡ଼ମ୍ବା ନରସିଂହପୁର ପ୍ରସିଦ୍ଧ ଶକ୍ତିପୀଠ ଭଟ୍ଟାରିକା ମନ୍ଦିରରେ ନବରାତ୍ର ପୂଜା ଅବସରରେ ଆଜିଠୁ ୯ ଦିନ ଧରି ଜଳି ଉଠିବ ଅଖଣ୍ଡ ଦୀପ।

ନବରାତ୍ର ପାଇଁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠରେ ବି ଭକ୍ତିମୟ ପରିବେଶ। ବୈତରଣୀ ଜଳରେ ସ୍ନାନ ଓ ପାରମ୍ପରିକ ନୀତିକାନ୍ତି ପରେ ମାଆଙ୍କ ପାଦ ସ୍ପର୍ଶ ଓ ମୁଖ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଠି ପରମ୍ପରା ଅନୁସାରେ ଆଜିଠୁ ଗଡ଼ିଛି ମାଙ୍କ ବିଜୟା ରଥ।

ସେପଟେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ପୀଠରେ ସୃଷ୍ଟି ହୋଇଛି ଦିବ୍ୟ ଓ ଭବ୍ୟ ପରିବେଶ। ଏଠି ନବରାତ୍ର ଆରମ୍ଭରୁ ମା'ଙ୍କ ସୁନା ବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏପଟେ ଶ୍ରଦ୍ଧାଳୁଙ୍କ ଆଗମନରେ ପୁରି ଉଠିଛି ଗଞ୍ଜାମର ଶକ୍ତିକ୍ଷେତ୍ର ତାରାତାରିଣୀ ପୀଠ। ନବରାତ୍ରର ପ୍ରଥମ ଦିନରେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି ମା। ଏଠି ୯ ଦିନ ଧରି ଜଳିବ ଅଖଣ୍ଡ ଦୀପ। ନବରାତ୍ର ୯ ଦିନ ଧରି ଶକ୍ତିପୀଠରେ ଶକ୍ତି ସ୍ୱରୂପୀଣି ମାଆ ଭକ୍ତଙ୍କୁ ୯ଟି ରୂପରେ ଦର୍ଶନ ଦେଇଥାନ୍ତି। ପ୍ରଥମ ଦିନରେ ଶୈଳପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୃଷ୍ମାଣ୍ଡା, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟନୀ, ସପ୍ତମରେ କାଳରାତ୍ରି, ଅଷ୍ଟମରେ ମହାଗୌରୀ ଏବଂ ନବମ ଦିନରେ ମା' ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦିଅନ୍ତି।

ଜାତୀୟ ଚେତନା
JATIYA CHETANA



# ନେପାଳରେ ପୁଣି ପ୍ରକୃତିର ମହାପ୍ରଳୟ



କାଠମାଣ୍ଡୁ,(ଏଜେନ୍ସି): ଗତ ଅଗଷ୍ଟ ମାସରେ ନେପାଳରେ ଆସିଥିବା ଭୟଙ୍କର ଜଳପ୍ରଳୟର ଦୁଃଖ ସରିନି। ଏବେ ପୁଣି ଭୟଙ୍କର ବନ୍ୟା ଆସିଛି। ନେପାଳର ଗୋର୍ଖା ଜିଲ୍ଲାର ତ୍ରୁମନବ୍ରୀ ଗାଁରେ ରବିବାର ଆକସ୍ମିକ ବନ୍ୟାରେ ୩୫ରୁ ଅଧିକ ଘର ସହିତ ଏକାଧିକ ସେତୁ ଭାସିଯାଇଥିବା ବେଳେ ଏକ ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ବୁଢ଼ୀଗଣ୍ଡକି ନଦୀରେ ଏହି ବନ୍ୟା ହୋଇଛି। ବୁଢ଼ୀଗଣ୍ଡକି ହେଉଛି ତ୍ରିଶୂଳୀ ନଦୀର ଏକ ଉପନଦୀ। ଗତ ଅଗଷ୍ଟ ୨୬ ତାରିଖରେ ତ୍ରିଶୂଳୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟାରେ ୧୪୫୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକଙ୍କ ଏଯାଏ ପତ୍ତା ମିଳିପାରିନାହିଁ।ନେପାଳରେ ହୋଇଥିବା ଏହି ଆକସ୍ମିକ ବନ୍ୟାର ଅନେକ ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ ହୋଇଛି। ଏଥିରେ ନଦୀର ପାଣି କଳା ଓ ଧୂସର ଦେଖାଯାଉଥିବା ବେଳେ ଏହା କାଦୁଅ ଓ ପଥର ଆଦି ନେଇ ଦ୍ରୁତଗତିରେ ପ୍ରବାହିତ ହେଉଛି। ଘରଦ୍ୱାର ଭସାଇ ନେଇ ଚାଲି ଯାଉଛି। ନଦୀ ଅତି ଭୟଙ୍କର ଦେଖାଯାଉଛି। ଆକସ୍ମିକ ବନ୍ୟା ପରେ ପ୍ରଭାବିତ ଅଞ୍ଚଳରେ ନେପାଳ ସେନାକୁ ମୁତୟନ କରାଯାଇଛି। ଉଭୟ ଆକାଶ ଓ ସ୍ଥଳପଥରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଆକସ୍ମିକ ବନ୍ୟା ଯୋଗୁ କିଛି ସ୍ଥାନରେ ଭୂସ୍ଖଳ ହେବାର ସମ୍ଭାବନା ଥିବାରୁ ସେଠାରୁ ମଧ ଲୋକଙ୍କୁ ଏୟାରଲିଫ୍ଟ କରାଯାଇଛି। ନେପାଳର ନ୍ୟାଶନାଲ ଡିଜାଷ୍ଟର ରିସ୍କ ରିଡକ୍ସନ ଆଣ୍ଡ ମ୍ୟାନେଜମେଣ୍ଟ ଅଥରିଟୀ (ଏନଡିଆରଆରଏମଏ) କହିଛି ଯେ ବୁଢ଼ୀଗଣ୍ଡକି ନଦୀର ଜଳସ୍ତର ଆଜି ସକାଳ ସାଢ଼େ ୬ଟାରେ ୩.୬୬ ମିଟର ଥିବା ବେଳେ ସକାଳ ୮ଟା ୪୦ରେ ଏହା ୮.୪୩ ମିଟରକୁ ବୃଦ୍ଧି ପାଇଥିଲା। କେବଳ ୮ଟା ୩୦ରୁ ୮ଟା ୪୦ ମଧ୍ୟରେ ଜଳସ୍ତର ୨ ମିଟର ବଢ଼ି ଯାଇଥିଲା। ଯେହେତୁ ଏହି ଆକସ୍ମିକ ବନ୍ୟାରେ ମେଜରମେଣ୍ଟ ସେଣ୍ଟର ଭାସି ଯାଇଛି, ତେଣୁ ଏହା ସଂପର୍କରେ ଅଧିକ ସୂଚନା ମିଳିପାରିନାହିଁ। ବର୍ଷା ଯୋଗୁ ଏହି ବନ୍ୟା ହୋଇନାହିଁ ବୋଲି ସ୍ପଷ୍ଟ କରି ଏନଡିଆରଆରଏମଏ କହିଛି ଯେ ପ୍ରାଥମିକ ସୂଚନା ଓ ସାଟେଲାଇଟ୍ ଚିତ୍ରଗୁଡ଼ିକର ସମୀକ୍ଷାରୁ ଆକଳନ କରାଯାଉଛି ଯେ ପ୍ରଥମେ କୌଣସି ବସ୍ତୁ ଦ୍ୱାରା ନଦୀର ଗତିପଥ ଅବରୋଧ ହୋଇଥାଇପାରେ। ପରେ ଏହା ଭୁଶୁଡ଼ି ଯିବାରୁ ଆକସ୍ମିକ ବନ୍ୟା ହୋଇ ହୋଇଥାଇପାରେ। ଏହି ଆକସ୍ମିକ ବନ୍ୟାର କାରଣ ଜାଣିବା ପାଇଁ ସବିଶେଷ ବୈଷୟିକ ସମୀକ୍ଷା ଜାରି ରହିଛି। ଏହି ଆକସ୍ମିକ ବନ୍ୟାରେ ଏଯାବତ୍ କାହାରି ମୃତ୍ୟୁ ଘଟିଥିବା ନେଇ ଖବର ମିଳିନାହିଁ। ବୁଢ଼ୀଗଣ୍ଡକି ନଦୀ କୂଳ ତଥା ଏହା ଆଖପାଖ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ସୂଚନା ଜାରି କରାଯାଇଛି।

# ପୂର୍ବ ଆଫ୍ରିକାର ଜିବୁଟି ଉପକୂଳରେ ଅଘଟଣ: ବୁଡ଼ିଗଲା ବୋଟ୍, ୧୦୯ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): ଆଫ୍ରିକୀୟ ଦେଶ ଜିବୁଟି ଉପକୂଳରେ ଏକ ବଡ଼ ଅଘଟଣ ଘଟିଛି। ୩୦୫ ଜଣ ପ୍ରବାସୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ସମୁଦ୍ରରେ ବୁଡ଼ିଯିବାରୁ ଅତି କମରେ ୧୦୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୫ ଜଣ ଶିଶୁ ରହିଛନ୍ତି। ଏହି ଦୁର୍ଘଟଣାରେ ୮୦ରୁ ଅଧିକ ଲୋକ ଉଦ୍ଧାର ହୋଇଥିବା ବେଳେ ୧୧୬ ଜଣ ଏବେ ବି ନିଖୋଜ ଅଛନ୍ତି। ନିଖୋଜଙ୍କ ସନ୍ଧାନ ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନ୍ତର୍ଜାତୀୟ ପ୍ରବାସ ସଂଗଠନ ରବିବାର ଏହି ଦୁଃଖଦ ଘଟଣା ସମ୍ପର୍କରେ ସୂଚନା ଦେଇଛି। ସଂଗଠନ ଅନୁଯାୟୀ, ଡଙ୍ଗାଟି ଜିବୁଟିରୁ ୟେମେନ ଅଭିମୁଖେ ଯାଉଥିଲା। ଗୁରୁବାର ରାତି ଓ ଶୁକ୍ରବାର ସକାଳ ମଧ୍ୟରେ ସମୁଦ୍ରରେ ଏହି ଅଘଟଣ ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୦୯ ଜଣଙ୍କ ମଧ୍ୟରେ ୫୨ ଜଣ ପୁରୁଷ, ୪୨ ଜଣ ମହିଳା ଏବଂ ୧୫ ଜଣ ଶିଶୁ ଅଛନ୍ତି। ଗୋଟିଏ ଡଙ୍ଗାରେ ଏତେ ସଂଖ୍ୟକ ଲୋକ ଯାତ୍ରା କରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିବା ଚିନ୍ତା ବଢ଼ାଇଛି। ଏହି ଦୁର୍ଘଟଣା ପରେ ୮୦ରୁ ଅଧିକ ପ୍ରବାସୀଙ୍କୁ ଉଦ୍ଧାର କରାଯାଇଛି। ତେବେ ଆଉ ୧୧୬ ଜଣଙ୍କ ପତ୍ତା ମିଳିନାହିଁ। ସେମାନଙ୍କୁ ଖୋଜିବା ପାଇଁ ସନ୍ଧାନ ଅଭିଯାନ ଜାରି ରହିଛି। ଅନ୍ତର୍ଜାତୀୟ ଅଭିବାସନ ସଂଗଠନ ଅନୁଯାୟୀ, ଆଫ୍ରିକାର 'ହର୍ଣ୍ଣ ଅଫ୍ ଆଫ୍ରିକା' ଅଞ୍ଚଳରୁ ହଜାର ହଜାର ପ୍ରବାସୀ ସୁରକ୍ଷା ଓ ଉନ୍ନତ ଆର୍ଥିକ ସୁଯୋଗ ସନ୍ଧାନରେ ଜିବୁଟି ଦେଇ ଗଲ୍ଫ ଦେଶଗୁଡ଼ିକ ଆଡ଼କୁ ଯାଇଥାନ୍ତି। ଏହି ଯାତ୍ରା ସମୟରେ ସେମାନଙ୍କୁ ବାବ୍-ଅଲ୍-ମାନ୍ଦେବ୍ ପ୍ରଣାଳୀ ଅତିକ୍ରମ କରିବାକୁ ପଡ଼ିଥାଏ। ୟେମେନରେ ହିଂସା ଓ ଅସ୍ଥିରତା ଜାରି ରହିଥିଲେ ମଧ ପ୍ରବାସୀଙ୍କ ଏହି ଯାତ୍ରା ବନ୍ଦ ହୋଇନାହିଁ। ଉନ୍ନତ ଜୀବନ ଓ ରୋଜଗାର ଆଶାରେ ଅନେକ ଲୋକ ଜୀବନକୁ ବିପଦରେ ପକାଇ ସମୁଦ୍ରପଥରେ ଯାତ୍ରା କରୁଛନ୍ତି। ଅନ୍ତର୍ଜାତୀୟ ପ୍ରବାସ ସଂଗଠନ ମିଶନ ମୁଖ୍ୟ ଆଲେକ୍ସାଣ୍ଡର କୋଏସାକ୍ ଏହି ଦୁର୍ଘଟଣାକୁ ଜୀବନ ଓ ସମ୍ପତ୍ତିର ବଡ଼ କ୍ଷତି ବୋଲି ବର୍ଣ୍ଣନା କରିଛନ୍ତି।

# ସିଇସି ବିରୋଧୀ ବିକ୍ଷୋଭ: ଆନ୍ଦୋଳନକାରୀଙ୍କ ଉପରେ ଭାରି ପଡ଼ିଲା ଦିଲ୍ଲୀ ପୁଲିସ୍

ନୂଆଦିଲ୍ଲୀ,(ଏଜେନ୍ସି): ଦିଲ୍ଲୀ ପୁଲିସ୍‌ର କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁଁ ଜନ୍ତରମନ୍ତରରେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ/ବିକ୍ଷୋଭ ପ୍ରୟାସ ଅନେକାଂଶରେ ବିଫଳ ହୋଇଛି। ବାସ୍ତବରେ ସିଜେପିର ଏହି ବିକ୍ଷୋଭ ପ୍ରଦର୍ଶନକୁ ରୋକିବା ପାଇଁ ମୁତୟନ ହୋଇଥିବା ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ ପୁଲିସ୍ କର୍ମୀ ସିଜେପି ତଥା ଅନ୍ୟ ବିକ୍ଷୋଭକକାରୀଙ୍କ ଉପରେ ଭାରି ପଡ଼ିଛନ୍ତି। ଦିଲ୍ଲୀ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଏପରି କଡ଼ାକଡ଼ି କରାଯାଇଥିଲା ଯେ ବିକ୍ଷୋଭକାରୀମାନେ ଜନ୍ତର-ମନ୍ତର ପର୍ଯ୍ୟନ୍ତ ପହଞ୍ଚି ମଧ ପାରିନଥିଲେ। ଦିଲ୍ଲୀ ପୁଲିସ୍ ସିଜେପିର ନେତୃତ୍ୱ ନେଉଥିବା ଅଭିଜିତ ଦୀପକେ, ସୌରଭ ଦାସ ଏବଂ ଆଶୁତୋଷ ରାଜାଙ୍କୁ ସକାଳ ସମୟରେ ହିଁ ବିମାନବନ୍ଦରରୁ ହିଁ ହେପାଜତକୁ ନେଇଥିଲା। ରିପୋର୍ଟ ଅନୁସାରେ ଏହି ୩ଜଣ ଆଜି ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ଏମାନଙ୍କୁ ହେପାଜତକୁ ନେବା ପାଇଁ ଦିଲ୍ଲୀ ପୁଲିସ୍‌ର ଏକ ମହିଳା ଟିମ୍ ବିମାନବନ୍ଦରରେ ପହଞ୍ଚିଥିଲେ। ତେବେ ସିଜେପିର ଏହି ୩ ନେତା ଗିରଫ ହେବା ପରେ ପରେ ସଂଗଠନ ତୁରନ୍ତ ପ୍ଲାନ୍ ବି'କୁ କାର୍ଯ୍ୟକାରୀ କରିଥିଲା ଏବଂ ଅଜିଙ୍କ୍ୟ ସିନ୍ଦେ ନାମକ ଅନ୍ୟତମ ଯୁବନେତାଙ୍କୁ ଦାୟିତ୍ୱ ଦେଇଥିଲା।

କେନ୍ଦ୍ର ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍‌ଆଇଆର୍ ପ୍ରତ୍ୟାହାର ଆଦି ଦାବିରେ କକ୍‌ରୋଚ ଜନତା ପାର୍ଟି (ସିଜେପି) ଶନିବାର ଦିନ ସକାଳ ୧୦ଟା ସମୟରେ ଜନ୍ତର-ମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଘୋଷଣା କରିଥିଲା। ଦେଶବିଦେଶରୁ ହଜାର ହଜାର ସମର୍ଥକମାନେ ମଧ ଆଜି ଏଠାରେ ପହଞ୍ଚିବାକୁ ଚେଷ୍ଟା ମଧ କରିଥିଲେ, କିନ୍ତୁ ଅନେକ ସ୍ଥାନରେ ଦିଲ୍ଲୀ ପୁଲିସ୍ ଲଗାଇଥିବା ୩ରୁ ୫ ସ୍ତରୀୟ ବାରିକେଡିଂ କାରଣରୁ ଆଗକୁ ବଢ଼ିବାକୁ ଦିଆଯାଇ ନ ଥିଲା। ଏପର୍ଯ୍ୟନ୍ତ ୩୫୦୦ ଲୋକଙ୍କୁ ହେପାଜତକୁ ନିଆଯାଇଥିବା ସୂଚନା ମିଳିଛି। ମହିଳା ପ୍ରଦର୍ଶନକାରୀଙ୍କୁ ରୋକିବା ପାଇଁ ଦିଲ୍ଲୀ ପୁଲିସ୍‌ର ମହିଳା ଟିମ୍ ପିଙ୍କ୍ ରଙ୍ଗର ଏକ ସ୍ୱତନ୍ତ୍ର ଜ୍ୟାକେଟ୍ ପରିଧାନ କରିବା ଦେଖିବାକୁ ମିଳିଛି। ତେବେ ଏହାରି ମଧ୍ୟରେ ପୁଲିସ୍ ସହିତ ଧସ୍ତାଧସ୍ତିର ଅନେକ ଘଟଣା ସାମ୍ନାକୁ ଆସିଛି। ବିକ୍ଷୋଭକାରୀମାନେ ବାରିକେଡ୍ ମଧ ଭାଙ୍ଗିଥିଲେ। ଆକାଶବାଣୀ ଭବନ ନିକଟରେ ପଥର ଫିଙ୍ଗାଯାଇଥିଲା, ଯେଉଁଥିରେ ୨ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

ଅନ୍ୟପକ୍ଷେ ସିଜେପିର ଏହି ପ୍ରଦର୍ଶନରେ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ, ବାନାର୍ଜୀ, ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜରିୱାଲ, କେରଳମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ଭଳି ଅନେକ ବିରୋଧୀ ନେତା ସାମିଲ ହୋଇଥିଲେ। ତେବେ ପୁଲିସ୍ ଏମାନଙ୍କୁ ମଧ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଏପରିକି ମହାତ୍ମା ଗାନ୍ଧୀଙ୍କ ଅଣନାତି ତଥା ତଥା 'ହମ୍ ଭାରତ କେ ଲୋଗ୍' ସଂଗଠନର ସଭାପତି, ବିଶିଷ୍ଟ ସମାଜସେବୀ ତୁଷାର ଗାନ୍ଧୀଙ୍କୁ ମଧ ଦିଲ୍ଲୀ ପୁଲିସ୍ ନିଜ ହେପାଜତ୍‌କୁ ନେଇଛି। ତୁଷାର ଗାନ୍ଧୀ ନିଜ ସଂଗଠନର ଶହଶହ କର୍ମୀଙ୍କ ସହ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଅପରାହ୍ନ ୩:୩୦ ରେ ଐତିହାସିକ ଅଗଷ୍ଟ କ୍ରାନ୍ତି ମଇଦାନ ଅଭିମୁଖେ ଯାଉଥିବା ସମୟରେ ତାଙ୍କୁ ଉଠାଇ ନିଆଯାଇଛି। ପ୍ରସିଦ୍ଧ ୟୁଟ୍ୟୁବର ଧ୍ରୁବ ରାଠିଙ୍କୁ ମଧ ଦିଲ୍ଲୀ ପୁଲିସ୍ ଆଜିର ବିକ୍ଷୋଭ ଆରମ୍ଭ ହେବା ପୂର୍ବରୁ ହିଁ ତାଙ୍କ ବାସଭବନରୁ ଉଠାଇନେଇଥିଲା। ଦିଲ୍ଲୀ ପୁଲିସ୍ ସ୍ପଷ୍ଟ କରିଛି ଯେ, ଆଜି ଯେଉଁ ନେତା ତଥା ନେତୃତ୍ୱଙ୍କୁ ଅଟକ ରଖାଯାଇଛି ସେସବୁ ବାସ୍ତବରେ ଆନୁଷ୍ଠାନିକ ଗିରଫଦାରୀ ନୁହେଁ ବରଂ ନିବାରକ ପଦକ୍ଷେପ (ପ୍ରିଭେଣ୍ଟିଭ୍ ମେଜର୍ସ) ଅଧୀନରେ ସେମାନଙ୍କୁ ହେପାଜତରେ ରଖାଯାଇଛି। ମୋଟାମୋଟି ଆଜି ଅଟକ ରହିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସିଜେପି ନେତାଙ୍କ ବ୍ୟତୀତ ଛାତ୍ର ସଂଗଠନର ସଦସ୍ୟ, ଆଇନଜୀବୀ, ସାମାଜିକ କର୍ମୀ, ରାଜନୈତିକ ନେତା ଓ ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର ଆଦି ସାମିଲ ଥିବା ରିପୋର୍ଟ ପ୍ରକାଶ ପାଇଛି।

## ତାମିଲନାଡୁ ଗସ୍ତରେ ପ୍ରଧାନମନ୍ତ୍ରୀ

# ଭେଟିଦେଲେ ୧୩ ହଜାର କୋଟିର ପ୍ରକଳ୍ପ

ଚେନ୍ନାଇ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାମିଲନାଡୁକୁ ୧୩,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଭେଟିଦେଇଛନ୍ତି। ଚେନ୍ନାଇଠାରେ ମୋଦୀ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆମେ ଅନେକ ସମ୍ପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଏବଂ ନୂତନ ପ୍ରକଳ୍ପର ଶିଳାନ୍ୟାସ କରୁଛୁ। କିଛି ପ୍ରକଳ୍ପ ଦୈନିକ ଯାତ୍ରାକୁ ସହଜ କରିବ; ଅନ୍ୟ ଗୁଡ଼ିକ ଶିଳ୍ପ ଏବଂ ବାଣିଜ୍ୟକୁ ମଜଭୁତ କରିବ। ଏହା ସହିତ, ଏହା ସମଗ୍ର ତାମିଲନାଡୁରେ ଯୁବକ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।'



ରାଜ୍ୟସ୍ତରରେ ତାଙ୍କ କାର୍ଯ୍ୟକାଳ ତାଙ୍କ ଜାତୀୟ ଦୃଷ୍ଟିକୋଣକୁ କିପରି ରୂପ ଦେଇଥିଲା ତାହା ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ଦ୍ୱାରା ସେ ରାଜ୍ୟସ୍ତରୀୟ ଆଶା ଓ ଆକାଂକ୍ଷାଗୁଡ଼ିକୁ ବୁଝି ପାରିଥିଲେ। 'ତେଣୁ, ପ୍ରଧାନମନ୍ତ୍ରୀ ହେବା ପରେ, ମୁଁ କେବଳ ସେହି ଆକାଂକ୍ଷାଗୁଡ଼ିକୁ ପୂରଣ କରିବାକୁ ଚେଷ୍ଟା କରିନାହିଁ, ବରଂ ପ୍ରତ୍ୟେକ ରାଜ୍ୟ ଯେପରି ନିଜର ଆକାଂକ୍ଷିତ ଲକ୍ଷ୍ୟ ହାସଲ କରିପାରିବ ତାହା ସୁନିଶ୍ଚିତ କରିବାକୁ ମଧ ଚେଷ୍ଟା କରିଛି' ବୋଲି ମୋଦୀ ଉଲ୍ଲେଖ କରିଥିଲେ।

ମୁଖ୍ୟମନ୍ତ୍ରୀ ଥିବା ସମୟରେ କରୁଣାନିଧି ଏବଂ ଜୟଲଳିତାଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ସହ ତାଙ୍କର ଫଳପ୍ରଦ ଆଲୋଚନା ଏବଂ ପ୍ରଧାନମନ୍ତ୍ରୀ ଭାବେ ଓ. ପନିରସେଲଭମ, ଏଡାପାଡି କେ. ପାଲାନିସ୍ୱାମୀ ଏବଂ ଏମ. କେ. ଷ୍ଟାଲିନଙ୍କ ଭଳି ନେତାମାନଙ୍କ ସହ ତାଙ୍କର ନିରନ୍ତର ସହଯୋଗମୂଳକ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସରକାର ପରିବର୍ତ୍ତନ ସତ୍ତ୍ୱେ, ତାମିଲନାଡୁର ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଦୃଢ଼ ରହିଛି ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟଙ୍କ ସହ କାର୍ଯ୍ୟ କରିବା ସମୟରେ ସେ ସେହି ଦୃଢ଼ ସଂକଳ୍ପ ବହନ କରୁଛନ୍ତି। 'ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ଜୀଙ୍କ ସହ ମିଶି ଆମେ ତାମିଲନାଡୁର ବିକାଶର ଏହି ଯାତ୍ରାକୁ ଆଗକୁ ବଢ଼ାଉଛୁ', ବୋଲି ମୋଦୀ ଦୃଢ଼୍ୱୋକ୍ତି ପ୍ରକାଶ କରିଥିଲେ।

ନିଜ ଅଭିଭାଷଣର ଶେଷରେ ପ୍ରଧାନମନ୍ତ୍ରୀ ତାମିଲନାଡୁକୁ ନିରନ୍ତର ସମୃଦ୍ଧିର ନୂତନ ଶିଖରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଦୋହରାଇଥିଲେ। ଏକ ବିକଶିତ ରାଷ୍ଟ୍ରର ମହାନ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଥମେ ଏକ ବିକଶିତ ତାମିଲନାଡୁ ଗଠନ ଉପରେ ଗୁରୁତ୍ୱ ଦେଇ ସେ ସାମୂହିକ ପ୍ରୟାସ ପାଇଁ ଆହ୍ୱାନ ଜଣାଇଥିଲେ। ଏଥିସହ ନୂତନ ଭାବେ ଆରମ୍ଭ ହୋଇଥିବା ସମସ୍ତ ପ୍ରକଳ୍ପର ସଫଳତା କାମନା କରିଥିଲେ। "ବିକଶିତ ତାମିଲନାଡୁ ମାଧ୍ୟମରେ ଆମେ ଏକ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା," ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ୯କୋଟିର ସୁନା ବିସ୍କୁଟ ଜବତ

ବିଶାଖାପାଟଣା,(ଏନ୍‌ଏନ୍‌ଏସ୍): ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଅଧିକାରୀମାନେ ବିଶାଖାପାଟଣା ନିକଟରୁ ଏକ କାରରୁ ପ୍ରାୟ ୫.୮୩୨ କେଜି ସୁନା ଜବତ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮.୯୮ କୋଟି ଟଙ୍କା ହେବ। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଡି.ଆରଆଇ. ଟିମ୍ କୋଲକାତାରୁ ହାଇଦ୍ରାବାଦ ଆସୁଥିବା ଏକ କାରକୁ ଅଟକାଇଥିଲେ ଏବଂ ଏହି ବିଦେଶୀ ମୂଲ୍ୟବାନ ୨୪-କ୍ୟାରେଟ୍ ସୁନା ଜବତ କରିଥିଲେ। ଭାରତ-ବାଂଲାଦେଶ ସୀମା ଦେଇ ଏହି ସୁନା ଚୋରାଚାଲାଣ କରାଯାଇଥିଲା ଏବଂ ଏହାକୁ ହାଇଦ୍ରାବାଦ ଅଭିମୁଖେ ନିଆଯାଉଥିଲା ବୋଲି ରବିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଡିଆରଆଇ ଅଧିକାରୀମାନେ ଜଣାଇଛନ୍ତି। ଅଭିଯୁକ୍ତମାନେ କାରର ଆଗପଟ ସହ-ଯାତ୍ରୀ ଆସନର ଗୋଡ଼ ରଖିବା ସ୍ଥାନ ତଳେ ଏକ ଗୁପ୍ତ ଚାମ୍ବର (କ୍ୟାବିନ) ପ୍ରସ୍ତୁତ କରି ସେଥିରେ ସୁନା ବିସ୍କୁଟଗୁଡ଼ିକୁ ଲୁଚାଇ ରଖିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ସୁନା ଚୋରାଚାଲାଣରେ ସଂପୃକ୍ତ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

ଜାତୀୟ ଚେତନା
JATIYA CHETANA



## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ, ୪ ବର୍ଷର ଶିଶୁ କନ୍ୟା ମୃତ

ଭୁବନେଶ୍ୱର,(ଜା.ପ୍ର): ଗ୍ୟାସ ଲିକ୍ ହୋଇ ସୃଷ୍ଟ ଅଗ୍ନିକାଣ୍ଡରେ ଜଳିଗଲା ଶିଶୁ କନ୍ୟା। ନିଆଁ ଲିଭାଇବାକୁ ଯାଇ ବାପା,ମାଆ ଗୁରୁତର। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅରାବଳ ପଞ୍ଚାୟତ ଅନ୍ତର୍ଗତ ଅରାବଳ ଗ୍ରାମରେ ରବିବାର ଏଭଳ ଦୁଃଖଦ ଘଟଣା ଘଟିଛି। ସୂଚନା ମୁତାବକ ଆଜି ସକାଳେ ଅଭିରାମ ମଲ୍ଲିକଙ୍କ ପତ୍ନୀ ତିଳୋତମା ମଲିକ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ପାଇପ ଲିକ ହୋଇ ନିଆଁ ଲାଗିଯାଇଥିଲା। ସେହି ଘରେ ୪ ବର୍ଷର ଶିଶୁ କନ୍ୟା



ପାପାଲି ମଲିକ ଖେଳୁଥିବା ବେଳେ ନିଆଁର ପ୍ରକୋପରେ ଆସି ସମ୍ପୂର୍ଣ୍ଣ ଜଳିଯାଇ ମୃତ୍ୟୁବରଣ କରିଛି। ଝିଅକୁ ବଞ୍ଚାଇବାକୁ ଯାଇ ବାପା ଅଭିରାମ ଓ ମା ତିଳୋତ୍ତମାଙ୍କ ସମେତ ବଡ଼ବାପା ଉତ୍ତମ ମଲିକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ସମସ୍ତ ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅଭିରାମ ଓ ତାଙ୍କ ପତ୍ନୀ ତିଳୋତ୍ତମାଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଡାକ୍ତର କଟକ ମେଡିକାଲକୁ ରେଫର କରାଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବା ବେଳେକୁ ଘରେ ଥିବା ଅନେକ ଆସବାବପତ୍ର ପୋଡ଼ିଯାଇଥିଲା। ଏନେଇ ଧର୍ମଶାଳା ପୁଲିସ କେସ୍ ନଂ ୪୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶିଶୁ କନ୍ୟାର ମୃତଦେହ ଜବତ କରିବା ସହ ଧର୍ମଶାଳା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଏସଆଇ ଦିଲିପ କୁମାର ଦେଓରୀ ସୂଚନା ଦେଇଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ଖର୍ଚ୍ଚ

# ୫ ହଜାର ଟଙ୍କା ଧର୍ମକୁ ଆଖି ଠାର

ଭୁବନେଶ୍ୱର,(ଜା.ପ୍ର): ନିୟମ ନିୟମ ବାଟରେ। ପ୍ରଚାର ପ୍ରଚାର ବାଟରେ। ଛାତ୍ର ସଂସଦ ନିର୍ବାଚନରେ ଲିଙ୍ଗଡୋ କମିସନ୍ ନିୟମର ଧଜିଆ ଉଡୁଛି। କମିସନ୍ ଗାଇଡ୍ ଲାଇନ୍ ଯେମିତି ପ୍ରହସନ ପାଲଟିଛି। ବ୍ୟାନର, ପୋଷ୍ଟର ଓ ଭୋଜିଭାତରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନା ଏଥିପ୍ରତି ଉଚ୍ଚଶିକ୍ଷା ବିଭାଗ ନା କଲେଜ କର୍ତ୍ତୃପକ୍ଷ, କାହାରି ଯେମିତି ନିଘା ନାହିଁ। ଏସବୁ ଦେଖିଲେ ଲାଗୁଛି ୫ ହଜାର ଟଙ୍କାର ନିର୍ବାଚନ ଖର୍ଚ୍ଚ ସତେ ଯେମିତି ଧର୍ମକୁ ଆଖି ଠାର। ଅନ୍ୟପଟେ କ୍ୟାମ୍ପସ୍ ଭୋଟକୁ ଖୁବ୍ କମ୍ ଦିନ ଥିବାରୁ ହାଇପ୍ରୋଫାଇଲ ନେତା ଓ ପ୍ରାର୍ଥୀ ଛୁଟିରେ ବି ପ୍ରଚାରକୁ ଜୋରଦାର୍ କରିଛନ୍ତି। ପ୍ରକାଶ ଯେ ଲିଙ୍ଗଡୋ କମିସନ୍ ନିୟମ ଅନୁଯାୟୀ କ୍ୟାମ୍ପସରେ ପ୍ରିଣ୍ଟିଂ ବ୍ୟାନର ଲଗାଇ ପାରିବେ ନାହିଁ ପ୍ରାର୍ଥୀ। କିନ୍ତୁ ଅଧିକାଂଶ କଲେଜ ପରସର ବିଶାଳ ବିଶାଳ ବ୍ୟାନରରେ ଛାଇ ଯାଇଛି। ରାଜଧାନୀର ଉତ୍କଳରୁ ରମାଦେବୀ ଆଉ ମହର୍ଷି କଲେଜ ସବୁଠି ଲାଗିଛି ବଡ଼ ବଡ଼ ବ୍ୟାନର ଆଉ ପୋଷ୍ଟର। ଆଉ ଖାଇବା ପିଇବା ଆସର କଥା ନକହିବା ଭଲ। ଚିକେନ୍ ମଟନ ସାଙ୍ଗକୁ ଗୁପ୍ ଚୁପ୍ ଚାଟ। ସବୁଠୁ ଆଶ୍ଚର୍ଯ୍ୟ ର କଥା ହେଲା ଏଆଇ ଭିଡିଓ ଉପରେ କଟକଣା ଥିବା ସତ୍ତ୍ୱେ କିଛି ଛାତ୍ର ସଂଗଠନ ଏଆଇ ବ୍ୟବହାର କରି ପ୍ରତିପକ୍ଷକୁ ଟାର୍ଗେଟ କରିଛନ୍ତି। ଏସବୁ ଦେଖିଲେ ଲାଗୁଛି ୫ ହଜାର ଟଙ୍କାର ନିର୍ବାଚନ ଖର୍ଚ୍ଚ ସତେ ଯେମିତି ଧର୍ମକୁ ଆଖି ଠାର। ରାଜ୍ୟର ପ୍ରାୟ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏଭଳି ସ୍ଥିତି। ଖାଲି ସେତିକି ନୁହେଁ ସବୁ କ୍ୟାଂପସରେ ରାଜନୈତିକ ଦଳର ବଡ଼ ନେତାମାନେ ଡେରା ପକାଇ ବସିଛନ୍ତି। ସେପଟେ ଭୋଟ୍ ପାଇଁ ମଝିରେ ଆଉ ମାତ୍ର ୩ ଦିନ ଥିବାରୁ ଛୁଟିରେ ବି ପ୍ରଚାରକୁ ଜୋରଦାର କରିଛନ୍ତି ପ୍ରାର୍ଥୀ। ସୋସିଆଲ୍ ମିଡିଆରେ ପର୍ସନାଲ୍ ମେସେଜ କରି ପ୍ରାର୍ଥୀ ଭୋଟ୍ ଭିକ୍ଷା କରୁଛନ୍ତି। ସେହିପରି ବିଭିନ୍ନ ପେଜରେ ନିଜ ପାଇଁ ପ୍ରଚାର କାର୍ଡ ପୋଷ୍ଟ ମଧ୍ୟ କରୁଛନ୍ତି। ସେପଟେ ବାଲେଶ୍ୱରରେ କ୍ୟାମ୍ପସ ବାହାରେ ଏକ ମଣ୍ଡପରେ ଏବିଭିପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଓ ବିଧାୟକ ମାନସ ଦତ୍ତ। ଭଦ୍ରକରେ ବି ପ୍ରଚାର ଜୋର୍ ଧରିଛି। ମେସ, ହଷ୍ଟେଲ ସହିତ ଡୋର୍ ଟୁ ଡୋର୍ କ୍ୟାଂପେନିଂ କରୁଛନ୍ତି ପ୍ରାର୍ଥୀ। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେ ବି ପ୍ରଚାରକୁ ବେଗ ଦେଇଛନ୍ତି ଏବିଭିପି, ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ। ଏହାରି ଭିତରେ ରବିବାର ପିପିଲି ଅଞ୍ଚଳରେ ବିଜେବି କଲେଜର ଗୋଟିଏ ଗୋଷ୍ଠୀ ଭୋଜି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଆକ୍ରମଣ କରିଥିଲେ। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଥିବାବେଳେ କଲେଜରେ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ବାଣୀବିହାରରେ ସୋସିଆଲ୍ ମିଡିଆ ଆକ୍ଷେପ ନେଇ ଲେଡିଜ୍ ହଷ୍ଟେଲ୍ ଆଗରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର,(ଜା.ପ୍ର): ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ଅକ୍ଟୋବର ୧୩ରେ ଏହା ଲଘୁଚାପ ରୂପ ନେଇପାରେ। ଏହାର ପ୍ରଭାବରେ ଆସନ୍ତା ୧୬ରୁ ୧୮ ତାରିଖ ମଧ୍ୟରେ ଓଡ଼ିଶାର ଉପକୂଳ ଓ ସଂଲଗ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ବାତ୍ୟା ଆଶଙ୍କା ନଥିବା ପାଣିପାଗ ବିଭାଗ କହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମୌସୁମୀ ଅପସାରଣ ପ୍ରକ୍ରିୟା ଓ ଉତ୍ତର-ପୂର୍ବ ମୌସୁମୀର ସକ୍ରିୟତା ମଧ୍ୟରେ ଏହି ପାଣିପାଗ ପ୍ରଣାଳୀ ସୃଷ୍ଟି ହେବାକୁ ଯାଉଛି। ସାମୁଦ୍ରିକ ଓ ବାୟୁ ମଣ୍ଡଳୀୟ ପରିସ୍ଥିତି ଅଧିକ ଅନୁକୂଳ ନଥିବାରୁ ଏହା ଲଘୁଚାପ କିମ୍ବା ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ମଧ୍ୟରେ ସୀମିତ ରହିପାରେ। ତେଣୁ ଲଘୁଚାପ ଅଧିକ ଘନୀଭୂତ ହେବାର ସମ୍ଭାବନା କମ୍ ସହ ଓଡ଼ିଶା ଉପରେ ବାତ୍ୟା ଆଶଙ୍କା ନାହିଁ। କିନ୍ତୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷାର ପ୍ରଭାବ ଅପେକ୍ଷାକୃତ ଅଧିକ ରହିପାରେ। ବିଶେଷ କରି ଅକ୍ଟୋବର ୧୭ ଓ ୧୮ ତାରିଖରେ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ତୁଳନାତ୍ମକ ଭାବେ ବଡ଼ ଧରଣର ବର୍ଷାର ସମ୍ଭାବନା କମ୍ ଥିବାବେଳେ ଦଶହରା ସମୟରେ ପାଗ ଅପେକ୍ଷାକୃତ ଶୁଖିଲା ରହିବାର ସମ୍ଭାବନା ଅଧିକ। ଆସନ୍ତା ୧୩ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ଥିଲେ ସୁଦ୍ଧା ଅବପାତ ନେଇ ଚିତ୍ର ଅସ୍ପଷ୍ଟ ରହିଛି।

## ଗ୍ରାମାଞ୍ଚଳର ଛାତ୍ରୀଙ୍କୁ ସଶକ୍ତ କରିବାକୁ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ବରଗଡ଼ ଜିଲ୍ଲା ନୂଆଖାଇରପାଲି ଗ୍ରାମସ୍ଥିତ କୋଶଳ ବିଦ୍ୟାଳୟରେ ବୋଇଂ ସୁକନ୍ୟା ଲ୍ୟାବ୍, ଏରୋମଡେଲିଂ ତାଲିମ କେନ୍ଦ୍ର ଏବଂ ଏଆଇ ଲ୍ୟାବ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶିକ୍ଷା, ବୈଜ୍ଞାନିକ ଚିନ୍ତାଧାରା ଓ ବୈଷୟିକ ନବସୃଜନ ମାଧ୍ୟମରେ ଗ୍ରାମାଞ୍ଚଳର ଛାତ୍ରୀମାନଙ୍କୁ ସଶକ୍ତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରତିଭା କେବେ ବି ପରିସ୍ଥିତିର ସୀମା ମଧ୍ୟରେ ଆବଦ୍ଧ ହୋଇ ରହିବା ଉଚିତ ନୁହେଁ। ପ୍ରତ୍ୟେକ ଛାତ୍ରୀଙ୍କୁ ନିଜର ଦକ୍ଷତା ଓ ସାମର୍ଥ୍ୟର ସର୍ବୋତ୍ତମ ଉପଯୋଗ କରିବାର ସୁଯୋଗ ମିଳିବା ଆବଶ୍ୟକ। ଏହି ଅତ୍ୟାଧୁନିକ ସୁବିଧାଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା, ଗବେଷଣା ଓ ନବସୃଜନର ମନୋଭାବ ବିକଶିତ କରିବା ସହ ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ। ଲ୍ୟାବ୍ ମାଧ୍ୟମରେ ବିଜ୍ଞାନ ଓ ଗଣିତରେ ପ୍ରୟୋଗଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ମିଳିବ। ଏରୋମଡେଲିଂ ତାଲିମ କେନ୍ଦ୍ର ଛାତ୍ରଛାତ୍ରୀଙ୍କୁ ବିମାନ ଉଡ଼ାଣ, ନକ୍ସା ପ୍ରସ୍ତୁତି ଓ ଇଞ୍ଜିନିୟରିଂ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବ। ସେହିପରି, ଏଆଇ ଲ୍ୟାବ୍ ଭବିଷ୍ୟତର ବୈଷୟିକ ଜଗତକୁ ପ୍ରଭାବିତ କରୁଥିବା କୃତ୍ରିମ ବୁଦ୍ଧିମତ୍ତା ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବ। ଏହା ଦ୍ୱାରା ବିମାନ ଚଳାଚଳ, ରୋବୋଟିକ୍ସ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟପାଳ କହିଛନ୍ତି। ଆଧୁନିକ ବିଜ୍ଞାନଭିତ୍ତିକ ଶିକ୍ଷାକୁ ସହରାଞ୍ଚଳରୁ ଦୂରଦୂରାନ୍ତର ଗ୍ରାମାଞ୍ଚଳକୁ ସମ୍ପ୍ରସାରିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ। ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରତିଭା ଓ ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀ, ବିଶେଷକରି ଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଯୁକ୍ତିସଙ୍ଗତ ଚିନ୍ତାଧାରା ଓ ସମସ୍ୟା ସମାଧାନ ଦକ୍ଷତାର ବିକାଶ କରିବା ସହ ଏହି ସୁବିଧାଗୁଡ଼ିକର ସର୍ବାଧିକ ଉପଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଦୂରଦର୍ଶୀ ଅଧ୍ୟକ୍ଷ ସ୍ୱର୍ଗତ ଗନ୍ନିମାନି ଆନନ୍ଦ ରାଓଙ୍କ ପ୍ରତି ରାଜ୍ୟପାଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କୃଷକ ପରିବାରରୁ ଆସି ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠା ଲାଭ କରିବା ସହ ସମାଜର ବିକାଶ ପାଇଁ ତାଙ୍କର ଅବଦାନ ପ୍ରେରଣାଦାୟକ ବୋଲି ସେ କହିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର, ଶୈକ୍ଷିକ ଉତ୍କର୍ଷତା, କ୍ରୀଡ଼ା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ବିଦ୍ୟାଳୟର ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବୋଇଂ ଇଣ୍ଡିଆର ସିଏସ୍ଆର୍ ମୁଖ୍ୟ ପ୍ରବୀଣା ୱାଇ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ବେହେରା ଉପସ୍ଥିତ ଥିଲେ। ଏହା ପୂର୍ବରୁ ରାଜ୍ୟପାଳ ଅତାବିରାଠାରେ ଆୟୋଜିତ ୨୩ତମ କୋଶଳ ଆନ୍ଧ୍ର ସାଂସ୍କୃତିକ ସଂଘର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସାଂସ୍କୃତିକ ସଦ୍‌ଭାବ, ପାରସ୍ପରିକ ସମ୍ମାନ ଏବଂ ଓଡ଼ିଶା-ଆନ୍ଧ୍ରପ୍ରଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ରାଜ୍ୟପାଳ କହିଥିଲେ ଯେ ଆନ୍ଧ୍ର ସମ୍ପ୍ରଦାୟର ଅନେକ ପରିବାର ଛଅ ଦଶନ୍ଧିରୁ ଅଧିକ ସମୟ ପୂର୍ବରୁ ପଶ୍ଚିମ ଓଡ଼ିଶାରେ ଆସି ବସବାସ କରିଥିଲେ। ହୀରାକୁଦ ଡ୍ୟାମ୍ ପ୍ରକଳ୍ପ ଅନେକ ପରିବାର ପାଇଁ ନୂତନ ଜୀବିକା ଓ ସୁଯୋଗର ଦ୍ୱାର ଖୋଲିଥିଲା। କାଳକ୍ରମେ ଏହି ସମ୍ପ୍ରଦାୟ ନିଜର ତେଲୁଗୁ ଭାଷା, ପରମ୍ପରା ଓ ସଂସ୍କୃତିକୁ ସଂରକ୍ଷିତ ରଖିବା ସହ ସ୍ଥାନୀୟ ଜନସାଧାରଣଙ୍କ ସହ ଘନିଷ୍ଠ ସମ୍ପର୍କ ଗଢ଼ି ତୋଳିଛନ୍ତି। ଉଗାଦି ଓ ସଂକ୍ରାନ୍ତି ଭଳି ପର୍ବପର୍ବାଣୀ ମାଧ୍ୟମରେ ସାଂସ୍କୃତିକ ଆଦାନପ୍ରଦାନ ଓ ପିଢ଼ି ପରେ ପିଢ଼ି ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାରେ ସଂଘର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପରମ୍ପରାର ସଂରକ୍ଷଣ, ନୂତନ ପିଢ଼ିକୁ ସଂସ୍କୃତି ସହ ଯୋଡ଼ି ରଖିବା ଏବଂ ସାମାଜିକ ଜୀବନକୁ ସମୃଦ୍ଧ କରିବାରେ ମହିଳାମାନଙ୍କ ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଶିକ୍ଷା, ଉଦ୍ୟୋଗ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଅଧିକ ସହଯୋଗ ପାଇଁ ସେ ଆହ୍ୱାନ ଜଣାଇଥିଲେ। ଏହି ସାଂସ୍କୃତିକ ସମାରୋହରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ଫ୍ଲୁଏଣ୍ଟ ଗ୍ରିଡ୍‌ର ସିଇଓ ଗନ୍ନିମାନି ମୁରଲୀ କୃଷ୍ଣ ଉପସ୍ଥିତ ଥିଲେ।

## ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ଜା.ପ୍ର): ସେବା ଓ ତ୍ୟାଗର ଅବିସ୍ମରଣୀୟ ପ୍ରତୀକ ଥିଲେ ବାଜି ରାଉତ। ୧୨ ବର୍ଷର ବୀର ବାଳକ ବାଜିରାଉତଙ୍କର ବଳିଦାନ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିବାକୁ ହଜାର ହଜାର ସଂଗ୍ରାମୀ ସୃଷ୍ଟି କରିଥିଲା। ତାଙ୍କର ବଳିଦାନ ସମଗ୍ର ଦେଶର ଜନମାନସରେ ଏକ ଅଭୂତପୂର୍ବ ଉତ୍ସାହ ଭରି ଦେଇଥିଲା ଏବଂ ତତ୍‌କାଳୀନ ରାଜନୈତିକ ସାମାଜିକ ପରିବେଶରେ ସଂଗ୍ରାମର ଏକ ନୂତନ ଆଲୋକ ଉନ୍ମେଷ ହୋଇଥିଲା। ଦେଶର ସ୍ୱାଧୀନତା ପାଇଁ ବାଜିରାଉତ ବୀରତ୍ୱର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ତାହା ଓଡ଼ିଶା ଇତିହାସରେ ଚିର ଜାଜ୍ଜ୍ୱଲ୍ୟମାନ ରହିବ। ସେହିପରି ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ସେ ଥିଲେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ ଓ ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା। ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଦେଶର ଯୁବପିଢ଼ିକୁ ଜାଗ୍ରତ କରିଥିଲା। ଜୟପ୍ରକାଶ ନାରାୟଣଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ନୀତି ଓ ସେବା ହିଁ ସର୍ବୋତ୍କୃଷ୍ଟ ରାଜଧର୍ମ।

ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଅମର ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧଦିବାସ ପାଳନ ଅବସରରେ ବିଧାନସଭା ପାର୍ଶ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଫାଉଣ୍ଡେସନ୍‌ର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ, ସମ୍ପାଦକ କିଶୋର କୁମାର ମିଶ୍ର, ପୂଜ୍ୟପୂଜା ସଂସଦର ସଭାପତି ପ୍ରଦ୍ୟୁମ୍ନ ଶତପଥୀ, ଗିରିଜା ଶଙ୍କର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ବାଜି ରାଉତ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥି ସହିତ ୟୁନିଟ୍-୮ସ୍ଥିତ ଡିଏଭି ସ୍କୁଲ ଛକ ନିକଟରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସେହିପରି ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ଲୋକନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିଭାଗର ଅଧିକାରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ପର୍ଯ୍ୟଟନର ନୂଆ ଭୂଗୋଳ

ପ୍ରଯୁକ୍ତି ବିଦ୍ୟାର ନିରନ୍ତର ପ୍ରଗତି ଆଜି ବିଶ୍ୱ ପର୍ଯ୍ୟଟନର ପାରମ୍ପରିକ ସଂଜ୍ଞା ଓ ଭୂଗୋଳକୁ ସମ୍ପୂର୍ଣ୍ଣ ଭାବେ ବଦଳାଇବାରେ ଲାଗିଛି। ଏକ ସମୟରେ କେବଳ ଭୌତିକ ସୁବିଧା, ଉତ୍ତମ ରାସ୍ତାଘାଟ, ରେଳ ସଂଯୋଗ, ବିମାନବନ୍ଦର, ହୋଟେଲ ଏବଂ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନସବୁ ପର୍ଯ୍ୟଟନର ଗତିପଥ ନିର୍ଦ୍ଧାରଣ କରୁଥିଲେ। ଯେଉଁଠାକୁ ଯାତାୟାତ ସହଜ ଥିଲା, ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲା। କିନ୍ତୁ ଆଜିର ଡିଜିଟାଲ ଯୁଗରେ ପର୍ଯ୍ୟଟକଙ୍କ ଯାତ୍ରା ଭୌତିକ ରାସ୍ତାରୁ ନୁହେଁ, ବରଂ ଡିଜିଟାଲ ପରଦାରୁ ଆରମ୍ଭ ହେଉଛି। ଯାତ୍ରାର ଗନ୍ତବ୍ୟସ୍ଥଳ, ରହିବା ସ୍ଥାନ ଓ ଦର୍ଶନୀୟ ସ୍ଥାନ ନିର୍ବାଚନରେ କୃତ୍ରିମ ବୁଦ୍ଧିମତା ଏବଂ ଡିଜିଟାଲ ମଞ୍ଚର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହା କେବଳ ପ୍ରଯୁକ୍ତିର ସାଧାରଣ ବ୍ୟବହାର ନୁହେଁ, ବରଂ ପର୍ଯ୍ୟଟନକୁ କିପରି ଦେଖାଯିବ, କେଉଁ ଅଞ୍ଚଳ ବିଶ୍ୱ ସାମ୍ନାକୁ ଆସିବ ଏବଂ ଏହାର ପ୍ରକୃତ ଲାଭ କାହା ପାଖରେ ପହଞ୍ଚିବ, ସେ ନେଇ ଏକ ନୂଆ ଚିନ୍ତାଧାରା ଉନ୍ମୋଚନ କରୁଛି। ଓଡ଼ିଶାର ପର୍ଯ୍ୟଟନ କହିଲେ ସାଧାରଣତଃ ପୁରୀ, କୋଣାର୍କ, ଭୁବନେଶ୍ୱର କିମ୍ବା ଚିଲିକା ଭଳି ପରିଚିତ ସ୍ଥାନକୁ ବୁଝାଇଥାଏ। କିନ୍ତୁ ଏତିକିରେ ଓଡ଼ିଶାର ବାସ୍ତବ ପ୍ରକୃତି ଓ ସଂସ୍କୃତି ସୀମିତ ନୁହେଁ।

କୋରାପୁଟର ପାହାଡ଼ିଆ ଜୀବନଶୈଳୀ, ମାଲକାନଗିରିର ସୁନ୍ଦର ଜଳଭୂମି, କନ୍ଧମାଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ମୟୂରଭଞ୍ଜର ଲୋକସଂସ୍କୃତି, କେନ୍ଦୁଝରର ଜଳପ୍ରପାତ, ବୌଦ୍ଧର ଐତିହ୍ୟ ଏବଂ ଗ୍ରାମୀଣ ଓଡ଼ିଶାର ଅନେକ ଅଣଶୁଣା କାହାଣୀ ଆଜି ବି ବିଶ୍ୱ ମାନଚିତ୍ରରେ ଯଥୋଚିତ ସ୍ଥାନ ପାଇପାରି ନାହାନ୍ତି। କୃତ୍ରିମ ବୁଦ୍ଧିମତା ଏହି ପରିସ୍ଥିତିକୁ ବଦଳାଇବାରେ ଏକ ବଡ଼ ସାଧନ ହୋଇପାରେ। ଶାନ୍ତ, ପ୍ରକୃତିସନ୍ନିକଟ ଓ ପାରମ୍ପରିକ ସଂସ୍କୃତିସମ୍ପନ୍ନ ସ୍ଥାନ ଖୋଜୁଥିବା ପର୍ଯ୍ୟଟକଙ୍କୁ ଏହା ଏକ ଅଜଣା ଗାଁ କିମ୍ବା ସ୍ଥାନୀୟ ସମୁଦାୟ ସହ ଯୋଡ଼ିପାରିବ। ଏଥିରୁ ଗଢ଼ିଉଠିବ ପର୍ଯ୍ୟଟନର ନୂଆ ଭୂଗୋଳ, ଯେଉଁଠାରେ ଦୂରତା ଅପେକ୍ଷା ଡିଜିଟାଲ ଦୃଶ୍ୟମାନତା ଗନ୍ତବ୍ୟସ୍ଥଳର ଗୁରୁତ୍ୱ ନିର୍ଦ୍ଧାରଣ କରିବ।ମେଘାଳୟର ମାଓଲିନୋଙ୍ଗ ଗ୍ରାମ ଏହି ସନ୍ଦର୍ଭରେ ଏକ କାଳଜୟୀ ଉଦାହରଣ। ପରିବେଶ ସୁରକ୍ଷା, ପରିଚ୍ଛନ୍ନତା, ବାଉଁଶର ଡଷ୍ଟବିନ୍, ଆବର୍ଜନା ପରିଚାଳନା ଓ ବର୍ଷାଜଳ ସଂରକ୍ଷଣ ଭଳି ସାମୂହିକ ଦାୟିତ୍ୱବୋଧ ସେହି ଗାଁକୁ ଏକ ଅତୁଳନୀୟ ପର୍ଯ୍ୟଟନ ଅନୁଭୂତିରେ ପରିଣତ କରିଛି। ଏହା ଶିକ୍ଷା ଦିଏ ଯେ ପର୍ଯ୍ୟଟନ ପାଇଁ ସଦାସର୍ବଦା ନୂଆ ଆକର୍ଷଣ ତିଆରି କରିବାର ଆବଶ୍ୟକତା ନାହିଁ; ନିଜର ମୂଳ ସ୍ୱରୂପ ଓ ନିଜସ୍ୱତାକୁ ସୁରକ୍ଷିତ ରଖିବା ମଧ୍ୟ ଏକ ବିଶାଳ ପର୍ଯ୍ୟଟନ ସମ୍ପଦ। ସେହିପରି ଗଛର ଜୀବନ୍ତ ମୂଳରୁ ପ୍ରସ୍ତୁତ ସେତୁ କେବଳ ଆକର୍ଷଣ ନୁହେଁ, ଏହା ମଣିଷ ଓ ପ୍ରକୃତିର ସହାବସ୍ଥାନର ପ୍ରତୀକ।ପର୍ଯ୍ୟଟନର ଆଗାମୀ ଭବିଷ୍ୟତ ସ୍ଥାନୀୟ ଜ୍ଞାନ ଉପରେ ହିଁ ପର୍ଯ୍ୟବସିତ। କେଉଁ ଋତୁରେ କେଉଁ ପକ୍ଷୀଙ୍କ ଆଗମନ ହୁଏ, କେଉଁ ପଥ ନିରାପଦ କିମ୍ବା କେଉଁ ଆଞ୍ଚଳିକ ଖାଦ୍ୟ ପଛରେ କି କାହାଣୀ ରହିଛି, ସେହି ଅଲିଖିତ ଜ୍ଞାନ ହିଁ ଏକ ସ୍ଥାନର ଅସଲ ପରିଚୟ। ମଙ୍ଗଳାଯୋଡ଼ିର ନୌକାଚାଳକଙ୍କ ଜଳାଶୟ ଓ ପକ୍ଷୀମାନଙ୍କ ସମ୍ପର୍କରେ ଥିବା ଗଭୀର ଅନୁଭବ କୌଣସି ଡିଜିଟାଲ ମାନଚିତ୍ରରେ ମିଳିବା ଅସମ୍ଭବ। ଏହି ଜ୍ଞାନକୁ ଡିଜିଟାଲ ମାଧ୍ୟମରେ ସମ୍ମାନର ସହ ଉପସ୍ଥାପିତ କରାଗଲେ, ତାହା ପର୍ଯ୍ୟଟକଙ୍କ ପାଇଁ ଅପୂର୍ବ ଅନୁଭବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଜୀବିକାର ପ୍ରମୁଖ ଉତ୍ସ ପାଲଟିପାରିବ। ସ୍ଥାନୀୟ ଖାଦ୍ୟ, ଗ୍ରାମୀଣ ରହଣି, ହସ୍ତଶିଳ୍ପ, ପକ୍ଷୀ ଦର୍ଶନ ଓ ଲୋକକଥା ମାଧ୍ୟମରେ ପର୍ଯ୍ୟଟକ କେବଳ ଜଣେ ଦର୍ଶକ ନ ହୋଇ ସେହି ସ୍ଥାନର ଜୀବନ୍ତ କାହାଣୀର ଅଂଶବିଶେଷ ହୋଇପାରିବେ।ଏସବୁ ସତ୍ତ୍ୱେ, କୃତ୍ରିମ ବୁଦ୍ଧିମତାର ବ୍ୟବହାର କାଳରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ। ପ୍ରଯୁକ୍ତି ଯଦି କେବଳ କେତେକ ନିର୍ଦ୍ଦିଷ୍ଟ ଜଣାଶୁଣା ସ୍ଥାନକୁ ବାରମ୍ବାର ସୁପାରିସ କରେ, ତେବେ ପର୍ଯ୍ୟଟନର ଅର୍ଥନୈତିକ ଲାଭ ପୁଣି ସେହି କେତେକ ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇରହିଯିବ ଏବଂ ଅନ୍ୟ ଯୋଗ୍ୟ ଗନ୍ତବ୍ୟସ୍ଥଳଗୁଡ଼ିକ ଅବହେଳିତ ହୋଇପଡ଼ିବେ। ଏହାସହ ସ୍ଥାନୀୟ ଜ୍ଞାନକୁ ଡିଜିଟାଲ ରୂପ ଦେବା ସମୟରେ ଜନଜାତୀୟ ଓ ଆଞ୍ଚଳିକ ସମୁଦାୟର ସମ୍ମତି, ଅଂଶଗ୍ରହଣ ଏବଂ ଅର୍ଥନୈତିକ ଅଧିକାରକୁ ସୁରକ୍ଷିତ ରଖିବାକୁ ହେବ।ପ୍ରକୃତରେ, କୃତ୍ରିମ ବୁଦ୍ଧିମତା ଯୁଗରେ ପର୍ଯ୍ୟଟନ ବିକାଶର ଅର୍ଥ ଗାଁଗୁଡ଼ିକୁ ସହରରେ ପରିଣତ କରିବା, କଂକ୍ରିଟ୍ ଜଙ୍ଗଲ ଠିଆ କରିବା କିମ୍ବା ପାହାଡ଼ କାଟି ବିଶାଳ ହୋଟେଲ ତିଆରି କରିବା ନୁହେଁ। ଗ୍ରାମୀଣ ପର୍ଯ୍ୟଟନ, ଜୈବବିବିଧତା, ସ୍ଥାନୀୟ ଅର୍ଥନୀତି ଓ ସମୁଦାୟର ଅଂଶଗ୍ରହଣକୁ ଆଧାର କରି ଏକ ସ୍ଥାୟୀ ପ୍ରତିରୂପ ଗଢ଼ିବା ଆବଶ୍ୟକ। ପ୍ରଯୁକ୍ତି ମାନଚିତ୍ର ଦେଖାଇପାରେ, ରାସ୍ତା ବତାଇପାରେ କିମ୍ବା ଭାଷାର ଅନୁବାଦ କରିପାରେ, କିନ୍ତୁ ସ୍ଥାନର ଆତ୍ମାକୁ ବୁଝିବାର କାମ କେବଳ ମଣିଷର। ପର୍ଯ୍ୟଟନ ପାଇଁ ଗାଁର ମୌଳିକତାକୁ ନଷ୍ଟ ନ କରି, ତାର ନିଜସ୍ୱତା ଓ ଆତ୍ମାକୁ ସୁରକ୍ଷିତ ରଖି ବିଶ୍ୱ ସହ ଯୋଡ଼ିବା ହିଁ ନୂଆ ପର୍ଯ୍ୟଟନ ଭୂଗୋଳର ପ୍ରକୃତ ଲକ୍ଷ୍ୟ ହେବା ଦରକାର।

# ଅସାଧାରଣ ମହାନତା: କ୍ୟାପ୍ଟେନ ସ୍ମିତ ମଛର

ପ୍ରିୟମ୍ବଦା ପ୍ରିୟଦର୍ଶିନୀ ମିଶ୍ର

ସାଧାରଣ କର୍ତ୍ତବ୍ୟ ଭିତରେ ହିଁ ଅସାଧାରଣ ଆତ୍ମବଳ ଓ ବୀରତ୍ୱର ପ୍ରକୃତ ସ୍ୱରୂପ ଲୁଚି ରହିଥାଏ। ଆଜିର ସୋସିଆଲ ମିଡିଆ, ପ୍ରଚାର-ପ୍ରସାର ଓ ଆତ୍ମପ୍ରଦର୍ଶନର ବ୍ୟାକୁଳ ଯୁଗରେ ପ୍ରକୃତ ନାୟକତ୍ୱର ସଂଜ୍ଞା କେବଳ ମଞ୍ଚ କିମ୍ବା କ୍ୟାମେରା ଆଗରେ ସୀମିତ ହୋଇଯାଇଛି ବୋଲି ମନେହୁଏ। କିନ୍ତୁ ବାସ୍ତବ ଦୁନିଆରେ କୌଣସି ପ୍ରଚାର ବା ନାଟକୀୟତା ବିନା, ଶେଷ ନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ନିଜ ସ୍ୱଧର୍ମ ପାଳନ କରିବା ହିଁ ଜଣେ ମନୁଷ୍ୟକୁ ଜାଗତିକ ସ୍ତରରେ ବିଶାଳ ହିରୋର ମାନ୍ୟତା ଦେଇଥାଏ। ଦୁବାଇରୁ ତେଲ ଅଭିଭ ପର୍ଯ୍ୟନ୍ତ ଉଡ଼ାଣ ଭରୁଥିବା ବିମାନର କ୍ୟାପ୍ଟେନ ସ୍ମିତ ମଛରଙ୍କ ଜୀବନରେ ଘଟିଯାଇଥିବା ଅପ୍ରତ୍ୟାଶିତ ଘଟଣା ଏହାର ଏକ ଜୀବନ୍ତ ଓ ନିଶ୍ଚିତ ପ୍ରମାଣ। ସେଦିନ ବିମାନର କକ୍‌ପିଟ୍‌ରେ ପ୍ରବେଶ କଲାବେଳେ ସେ ଘୁଣାକ୍ଷରେ ମଧ୍ୟ ଜାଣି ନ ଥିଲେ ଯେ କିଛି ମୁହୂର୍ତ୍ତ ମଧ୍ୟରେ ତାଙ୍କୁ ସମଗ୍ର ସଂସାର ଆଗରେ ଆତ୍ମବଳର ଏକ ଅଦ୍ଭୁତ ଦୃଷ୍ଟାନ୍ତ ପ୍ରସ୍ତୁତ କରିବାକୁ ପଡ଼ିବ। ସେ ନିଜ ନିୟମିତ କାର୍ଯ୍ୟସୂଚୀ ଅନୁସାରେ ଡ୍ୟୁଟିରେ ଯୋଗ ଦେଇଥିଲେ, କିନ୍ତୁ ସେଠାରେ ତାଙ୍କ ସହକର୍ମୀ ତଥା କୋ-ପାଇଲଟ୍ ହମାମ୍ ଆଲ୍-ହମାମିଙ୍କ ଦ୍ୱାରା ହୋଇଥିବା ଅତର୍କିତ ଓ ବିଭ୍ରାନ୍ତିକର ଆକ୍ରମଣ ତାଙ୍କୁ ଗୁରୁତର ତଥା ରକ୍ତାକ୍ତ ଅବସ୍ଥାକୁ ନେଇଯାଇଥିଲା।

ସେହି ଭୟାନକ ମୁହୂର୍ତ୍ତରେ, ଯେତେବେଳେ ଶରୀର ଅବଶ ହୋଇପଡୁଥିଲା, ସେତେବେଳେ ଜଣେ ସାଧାରଣ ନାଗରିକ ଭାବେ ନିଜ ପ୍ରାଣ ରକ୍ଷା କରିବା ଅପେକ୍ଷା ବିମାନରେ ଥିବା ଶତାଧିକ ଯାତ୍ରୀଙ୍କ ସୁରକ୍ଷା ତାଙ୍କ ପାଇଁ ମୁଖ୍ୟ ବିଷୟ ହୋଇଯାଇଥିଲା। ସେ ଅନୁଭବ କରିଥିଲେ ଯେ ଯଦି ସେ ନିଷ୍କ୍ରିୟ ହୋଇ ପଡ଼ିରହିବେ, ତେବେ ସମଗ୍ର ବିମାନ ଏକ ଭୀଷଣ ଓ ନିଶ୍ଚିତ ମହାବିପତ୍ତିର ସମ୍ମୁଖୀନ ହେବ, ଯେଉଁଥିରେ ସମସ୍ତଙ୍କର ପ୍ରାଣନାଶ ହେବା ଅବଶ୍ୟମ୍ଭାବୀ। ନିଜର ଶେଷ ସାମର୍ଥ୍ୟ ଓ ସାହସ ସଂଗ୍ରହ କରି, ହନୁମାନ ଚାଳିଶା ଜପ କରି କରି ସେ ତଳୁ ଉଠିଥିଲେ ଏବଂ ଭିତରୁ ବନ୍ଦ ଥିବା କକ୍‌ପିଟ୍‌ର ଦ୍ୱାରକୁ ଖୋଲିଦେଇଥିଲେ। ସେଦିନ ସେ କୌଣସି ବୃହତ୍ ଆକାଶଚୁମ୍ବୀ ବିପ୍ଳବ କରି ନ ଥିଲେ, କେବଳ ଗୋଟିଏ ବନ୍ଦ ଦ୍ୱାର ଖୋଲିଦେଇଥିଲେ। କିନ୍ତୁ ସେହି ଗୋଟିଏ କ୍ଷୁଦ୍ର କାର୍ଯ୍ୟ ପଛରେ ଥିଲା ଅସୀମ ଆତ୍ମବଳ ଓ ଯାତ୍ରୀମାନଙ୍କୁ ସୁରକ୍ଷିତ ରଖିବାର ଦୃଢ଼ ସଂକଳ୍ପ। ସେହି ଦ୍ୱାର ଖୋଲିଯିବା ଯୋଗୁଁ ଯାତ୍ରୀମାନେ ଭିତରକୁ ପ୍ରବେଶ କରି ଉଗ୍ରବାଦୀ କୋ-ପାଇଲଟ୍‌କୁ କାବୁ କରିପାରିଥିଲେ ଏବଂ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିପାରିଥିଲା।

ପରବର୍ତ୍ତୀ ସମୟରେ ୟୁନାଇଟେଡ୍ ଆରବ ଏମିରେଟ୍‌ସ କର୍ତ୍ତୃପକ୍ଷ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ଓ କୋ-ପାଇଲଟ୍‌କୁ ଜଣେ ଧର୍ମାନ୍ଧ ଉଗ୍ରବାଦୀ ବୋଲି ସ୍ପଷ୍ଟ କରିଥିଲେ ହେଁ, ସ୍ମିତ ମଛର ଯେତେବେଳେ ନିଜ ଜୀବନ ସହ ସଂଗ୍ରାମ କରୁଥିଲେ, ସେତେବେଳେ ସେ ଏହି ସବୁ ଜଟିଳ ଗଣିତ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। ତାଙ୍କ ମନରେ କୌଣସି ପ୍ରଚାର, ସାମାଜିକ ଗଣମାଧ୍ୟମର ପ୍ରଶଂସା କିମ୍ବା ଆତ୍ମପ୍ରଦର୍ଶନର ଚିନ୍ତା ନ ଥିଲା। ସେଠାରେ କୌଣସି ଟେଲିଭିଜନ କ୍ୟାମେରା ନ ଥିଲା କିମ୍ବା ଭିଡିଓ ରେକର୍ଡିଂର ନାଟକ ନ ଥିଲା। ସେ କେବଳ ନିଜ ଅଜାଣତରେ ଶ୍ରୀମଦ୍ ଭଗବଦ୍ ଗୀତାର ସ୍ୱଧର୍ମ ପାଳନ ସିଦ୍ଧାନ୍ତକୁ ଅନୁସରଣ କରିଥିଲେ। ଜଣେ ପାଇଲଟ୍ ଓ କ୍ୟାପ୍ଟେନର ପରମ ଧର୍ମ ହେଉଛି ଆପଣା ଜୀବନକୁ ବାଜି ଲଗାଇ ମଧ୍ୟ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା। ଯେପରି ଏକ ବୁଡ଼ିଯାଉଥିବା ଜାହାଜର କ୍ୟାପ୍ଟେନ ଅନ୍ୟ ସମସ୍ତଙ୍କୁ ସୁରକ୍ଷିତ ବାହାର କରିବା ପରେ ସର୍ବଶେଷରେ ଜାହାଜ ତ୍ୟାଗ କରେ, ସ୍ମିତ ମଧ୍ୟ ସେହି ଚିରନ୍ତନ ନୀତିକୁ ନିଜ ଆଚରଣରେ ପ୍ରତିଫଳିତ କରିଥିଲେ। ମହର୍ଷି ଜୈମିନୀଙ୍କ ମୀମାଂସା ସୂତ୍ରରେ କୁହାଯାଇଛି ଯେ, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସ୍ୱଧର୍ମ ପାଳନ କରିବା ଦ୍ୱାରା ହିଁ ସଂସାରର ସନ୍ତୁଳନ ରକ୍ଷା ହୋଇଥାଏ। ଯେତେବେଳେ କୋ-ପାଇଲଟ୍ ନିଜ ସ୍ୱଧର୍ମର ବିରୋଧାଚରଣ କରି ବିନାଶର ପଥ ବାଛିଥିଲା, ସେତେବେଳେ କ୍ୟାପ୍ ?ଟେନ ମଛର ନିଜ ସ୍ୱଧର୍ମରେ ଦୃଢ଼ ରହି ସାରା ଦୁନିଆକୁ ବିପଦରୁ ରକ୍ଷା କରିବାର ବାଟ ଦେଖାଇଲେ।

ସବୁଠାରୁ ପ୍ରେରଣାଦାୟୀ ବିଷୟ ହେଉଛି, ସ୍ମିତଙ୍କ ଏହି ବୀରତ୍ୱ କେବଳ ତାଙ୍କ ମଧ୍ୟରେ ସୀମିତ ରହି ନ ଥିଲା, ବରଂ ତାହା ବିମାନରେ ଥିବା ଅନ୍ୟ ସାଧାରଣ ଯାତ୍ରୀମାନଙ୍କ ମଧ୍ୟରେ ଥିବା ନାୟକତ୍ୱକୁ ମଧ୍ୟ ଜାଗ୍ରତ କରିଦେଇଥିଲା। ସେହି ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଜଣେ ଦନ୍ତ ଚିକିତ୍ସକ ଗୁରୁତର ଆହତ ସ୍ମିତଙ୍କୁ ଚିକିତ୍ସା ଯୋଗାଇ ଦେଇଥିଲେ, ଜଣେ ପ୍ଲମ୍ବର ନିଜର ସାଧାରଣ ଜ୍ଞାନ ପ୍ରୟୋଗ କରି ବିମାନର ତୀବ୍ର ସ୍ଖଳନକୁ ରୋକିବାରେ ସାହାଯ୍ୟ କରିଥିଲେ, ଦୁଇଜଣ କାର୍ଯ୍ୟ-ବିରତ ପାଇଲଟ-ଯାତ୍ରୀ ବିମାନକୁ ନିରାପଦରେ ଅବତରଣ କରାଇଥିଲେ, ଏବଂ ସାଧାରଣ ଯାତ୍ରୀମାନେ ମିଶି ଆତଙ୍କବାଦୀକୁ କାବୁ କରିଥିଲେ। ଏହି ଘଟଣା ସ୍ପଷ୍ଟ କରେ ଯେ କୌଣସି ମନୁଷ୍ୟ ଜନ୍ମରୁ ବିଶେଷ କ୍ଷମତା ନେଇ ହିରୋ ହୋଇ ନ ଥାଏ। ପ୍ରତ୍ୟେକ ମାନବ ଆତ୍ମାରେ ନାୟକତ୍ୱର ସୁପ୍ତ ସାମର୍ଥ୍ୟ ରହିଥାଏ, ଯାହା ବିପଦ ସମୟରେ କର୍ତ୍ତବ୍ୟବୋଧ ମାଧ୍ୟମରେ ପ୍ରକାଶ ପାଇଥାଏ।

କେବଳ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିମ୍ବା ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନୁହନ୍ତି, ସମଗ୍ର ବିଶ୍ୱ ଆଜି ସ୍ମିତ ମଛରଙ୍କ ଏହି ସାଧାରଣ କିନ୍ତୁ ବିଶାଳ କାର୍ଯ୍ୟର ମହାନତାକୁ ସ୍ୱୀକାର କରିଛି। ଇସ୍ରାଏଲ କନସୁଲେଟ୍ ତରଫରୁ ସ୍ମିତଙ୍କ ଜନ୍ମସ୍ଥାନ ମୁମ୍ବାଇରେ ସ୍ଥାପିତ ହୋଇଥିବା ବିଶାଳ ହୋର୍ଡିଂସମୂହ ଏହି ଜାଗତିକ କୃତଜ୍ଞତାର ସଜୀବ ପ୍ରମାଣ। ଗୋଟିଏ ବନ୍ଦ ଦ୍ୱାର ଖୋଲିବାର ଅତି ସାଧାରଣ ପ୍ରୟାସ କିପରି ଶତାଧିକ ପ୍ରାଣ ରକ୍ଷା କରିବା ସହ ସାରା ଦୁନିଆକୁ ଆଶ୍ୱାସନା ଓ ସନ୍ତୋଷ ଦେଇପାରେ, ଏହି ଘଟଣା ତାହାର ଅସଲ ଶିକ୍ଷା। ଏହା ନିଶ୍ଚିତ ଭାବେ ପ୍ରତ୍ୟେକ ମନୁଷ୍ୟ ଭିତରେ ଲୁଚି ରହିଥିବା ନିଷ୍କଳଙ୍କ ନାୟକକୁ ଜାଗ୍ରତ କରିବାରେ ଏକ ମହାନ ସଂଦେଶ ହୋଇ ରହିବ।

ଆଜିର ବାସ୍ତବବାଦୀ ଦୁନିଆରେ, ଯେଉଁଠି ବ୍ୟକ୍ତିସ୍ୱାର୍ଥ ଓ ନିଜର ସୁରକ୍ଷା ହିଁ ଅନେକଙ୍କ ପାଇଁ ପ୍ରଥମ ପସନ୍ଦ ହୋଇଥାଏ, ସେଠାରେ ସ୍ମିତ ମଛରଙ୍କ ଭଳି ବ୍ୟକ୍ତିତ୍ୱ ମାନବ ସଭ୍ୟତା ପାଇଁ ଏକ ନୂତନ ଆଶାର କିରଣ ଦେଖାଇଥାନ୍ତି। ଆମେ ପ୍ରାୟତଃ ଭାବିଥାଉ ଯେ ଜଣେ ନାୟକ ହେବା ପାଇଁ ହୁଏତ ଅଲୌକିକ ଶକ୍ତି କିମ୍ବା ଆକାଶଛୁଆଁ ଯୋଗ୍ୟତାର ଆବଶ୍ୟକତା ରହିଛି। କିନ୍ତୁ କ୍ୟାପ୍ଟେନ ମଛର ନିଜର ନିଃସ୍ୱାର୍ଥ ଆଚରଣ ଦ୍ୱାରା ଏହା ପ୍ରମାଣିତ କରିଦେଲେ ଯେ ପ୍ରକୃତ ବୀରତ୍ୱ ବାହାରର କୌଣସି ଆଡ଼ମ୍ବରରେ ନୁହେଁ, ବରଂ ମନୁଷ୍ୟର ନିଜ ଭିତରେ ଥିବା ଆତ୍ମବଳ ଓ ଦୃଢ଼ କର୍ତ୍ତବ୍ୟବୋଧ ମଧ୍ୟରେ ହିଁ ନିହିତ ଥାଏ। ଯେତେବେଳେ କୋ-ପାଇଲଟ୍ ନିଜର ଆତଙ୍କବାଦୀ ମାନସିକତା ଓ ଧର୍ମାନ୍ଧତାର ବଶବର୍ତ୍ତୀ ହୋଇ ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହୋଇଥିଲା, ସେତେବେଳେ ବିଶ୍ୱବସୁଧା ଆଗରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେହି ନିର୍ଣ୍ଣାୟକ ମୁହୂର୍ତ୍ତରେ ସ୍ମିତଙ୍କ ପ୍ରତ୍ୟୁତ୍ପନ୍ନମତିତା ଏବଂ ପ୍ରାଣପଣେ ଚେଷ୍ଟା କରି କକ୍‌ପିଟ୍‌ର ଦ୍ୱାର ଖୋଲିବା ନିଶ୍ଚିତ ଭାବେ ଏକ ଯୁଗାନ୍ତକାରୀ କାର୍ଯ୍ୟ ଥିଲା। ଏହା କେବଳ ଏକ ବିମାନକୁ ଦୁର୍ଘଟଣାରୁ ରକ୍ଷା କରି ନ ଥିଲା, ବରଂ ସମଗ୍ର ମାନବଜାତିର ବିଶ୍ୱାସକୁ ଆତଙ୍କବାଦ ଏବଂ ବିନାଶକାରୀ ଚିନ୍ତାଧାରା ଆଗରେ ହାରିବାକୁ ଦେଇ ନ ଥିଲା।

ସ୍ମିତଙ୍କ ଏହି ବୀରତ୍ୱର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତାଙ୍କର ଚେତନା। ଯେତେବେଳେ ଶରୀରରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା, ସେତେବେଳେ ନିଜକୁ ମାନସିକ ଭାବେ ଶକ୍ତିଶାଳୀ ରଖିବା ପାଇଁ ସେ ହନୁମାନ ଚାଳିଶା ଜପ କରିବା ଆମ ସଂସ୍କୃତି ଓ ସନାତନ ବିଶ୍ୱାସର ଗଭୀରତାକୁ ଦର୍ଶାଉଛି। ଏହା ପ୍ରମାଣ କରେ ଯେ ଆପଦକାଳରେ ମନୁଷ୍ୟର ଆଧ୍ୟାତ୍ମିକ ବିଶ୍ୱାସ ହିଁ ତାକୁ ମୃତ୍ୟୁ ମୁଖରୁ ଫେରାଇ ଆଣିବାକୁ ସାହସ ଦେଇଥାଏ। ତାଙ୍କର ଏହି କ୍ଷୁଦ୍ରତମ ପ୍ରୟାସ ବିମାନରେ ଥିବା ଅନ୍ୟ ଯାତ୍ରୀମାନଙ୍କ ପାଇଁ ଏକ ଦିବ୍ୟ ପ୍ରେରଣା ସାଜିଥିଲା। ସେଠାରେ ଉପସ୍ଥିତ ଥିବା ଦନ୍ତ ଚିକିତ୍ସକ, ପ୍ଲମ୍ବର, ଏବଂ ଅବସରପ୍ରାପ୍ତ ପାଇଲଟ୍‌ମାନେ ନିଜ ନିଜ ସୀମା ଭିତରେ ରହି ଯେଉଁ ସାହସିକ ପଦକ୍ଷେପ ନେଲେ, ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଥିବା ସୁପ୍ତ ହିରୋର ଜାଗରଣକୁ ହିଁ ସୂଚାଉଛି। ଗୋଟିଏ ସାଧାରଣ ନିଷ୍ପତ୍ତି କିପରି ସମ୍ପୂର୍ଣ୍ଣ ପରିବେଶକୁ ପରିବର୍ତ୍ତିତ କରିଦେଇପାରେ, ଏହା ତାର ଏକ ଚାକ୍ଷୁସ ଉଦାହରଣ।

ଆଜି ଯେତେବେଳେ ବିଶ୍ୱର ବିଭିନ୍ନ କୋଣରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ମିତଙ୍କୁ ଶ୍ରଦ୍ଧା ଓ ପ୍ରଶଂସା ଜଣାଉଛନ୍ତି, ସେତେବେଳେ ଏହା କେବଳ ଜଣେ ବ୍ୟକ୍ତିଙ୍କର ପୁରସ୍କାର ନୁହେଁ, ବରଂ ମାନବିକତାର ଜୟଗାନ। ମୁମ୍ବାଇ ଭଳି ମହାନଗରୀରେ ଇସ୍ରାଏଲ କନସୁଲେଟ୍ ଦ୍ୱାରା ଲଗାଯାଇଥିବା ବିଶାଳ ହୋର୍ଡିଂଗୁଡ଼ିକ ସମଗ୍ର ଭାରତବର୍ଷ ପାଇଁ ଏକ ଅପୂର୍ବ ଗୌରବର ବିଷୟ। ଏହା ବିଶ୍ୱକୁ ଏହି ସନ୍ଦେଶ ଦେଉଛି ଯେ ଭାରତୀୟ ମୂଲ୍ୟବୋଧ ଏବଂ ସ୍ୱଧର୍ମ ପାଳନର ପରମ୍ପରା ଆଜି ବି ବିଶ୍ୱକୁ ଶାନ୍ତି, ସୁରକ୍ଷା ଓ ସାହସର ମାର୍ଗ ଦେଖାଇବାକୁ ସମର୍ଥ। ସାମାଜିକ ଗଣମାଧ୍ୟମର ଆଭାସୀ ଦୁନିଆରେ ନିଜକୁ ନାୟକ ପ୍ରତିପାଦିତ କରିବାର ଯେଉଁ ପ୍ରତିଯୋଗିତା ଚାଲିଛି, ସେଥିରୁ ବହୁ ଦୂରରେ ରହି ସ୍ମିତ ନିଜର ଶାନ୍ତ, ସରଳ ଓ ନିଃସ୍ୱାର୍ଥ ଆଚରଣ ଦ୍ୱାରା ବାସ୍ତବ ନାୟକତ୍ୱର ନୂଆ ଦିଗନ୍ତ ସୃଷ୍ଟି କରିଛନ୍ତି।

ଜାତୀୟ ଚେତନା
JATIYA CHETANA



# ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଇଣ୍ଡିଆ ବ୍ଲକ୍‌ର ବିକ୍ଷୋଭ

ଭୁବନେଶ୍ୱର,(ଜା.ପ୍ର): ଦେଶରେ ଗଣତନ୍ତ୍ରର ସୁରକ୍ଷା ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତାମାନଙ୍କ ଉପରେ ବଳପ୍ରୟୋଗ ତଥା ଗତ ୧୦ ଅକ୍ଟୋବରରେ ଦିଲ୍ଲୀର ଜନ୍ତରମନ୍ତରରେ ଆୟୋଜିତ ଆନ୍ଦୋଳନ ଉପରେ ପୋଲିସର ଦମନମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆଜି ଭୁବନେଶ୍ୱରଠାରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳମାନଙ୍କ ପକ୍ଷରୁ ମିଳିତ ଭାବେ ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପ୍ରତିବାଦରେ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନବାଦୀ) ଲିବରେସନ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ସମାଜବାଦୀ ପାର୍ଟି, ଏନ୍‌ସିପି ଓ ଆରଜେଡି ଆଦି ଦଳ ସାମିଲ ହୋଇଥିଲେ। ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରୁ ଇଣ୍ଡିଆ ବ୍ଲକ୍‌ର ଏକ ମିଳିତ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲା। ସେଠାରେ ଏକବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭାରେ ଭାରତୀୟ ଜାତୀୟ କଂଗ୍ରେସର ରାଜ୍ୟ ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନବାଦୀ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଓ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନା, ସୁଦର୍ଶନ ଦାସ, ପ୍ରକାଶ ମିଶ୍ର, ଜୟସ୍ମିତା ମହାନ୍ତି, ସିପିଆଇର ଜୟନ୍ତ ଦାସ, ସୁର ଜେନା ଓ କୈଳାସ ପୁହାଣ, ସିପିଆଇ(ଏମ୍)ର ପୁଷ୍ପା ଦାଶ, ଉଲ୍ଲାସ ସ୍ୱାଇଁ ଓ ପ୍ରଦୀପ୍ତ ନାୟକ, ସିପିଆଇ(ଏମ୍‌ଏଲ୍) ଲିବରେସନର ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ଓ ଅଶୋକ ପ୍ରଧାନ, ଫରୱାର୍ଡ ବ୍ଲକ୍‌ର ପ୍ରତାପ ନାୟକ ଓ ଲକ୍ଷ୍ମୀ ଦୋରା ଏବଂ ସମାଜବାଦୀ ପାର୍ଟିର ବିଜୟ ବେହେରା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




# ନିର୍ବାଚନୀ ଉଷ୍ମତା: ଛୁଟି ଦିନ ବାଦ୍ ପଡ଼ିଲାନି, ପାର୍କରେ ଆଶାୟୀଙ୍କ ମେଳି

ଭୁବନେଶ୍ୱର,(ଜା.ପ୍ର): ଛାତ୍ର ସଂସଦ ନିର୍ବାଚନ ଯେତିକି ପାଖେଇ ଆସୁଛି କ୍ୟାମ୍ପସରେ ନିର୍ବାଚନୀ ଉଷ୍ମତା ବଢୁଛି। ନିର୍ବାଚନ ଆଉ ୩ ଦିନ ପରେ ଅନୁଷ୍ଠିତ ହେବ। ଏନେଇ ଆଶାୟୀ ଛୁଟିଦିନକୁ ହାତଛଡା କରୁନାହାଁନ୍ତି। ରବିବାର ରାଧାନୀର ବିଭିନ୍ନ ପାର୍କରେ କିଛି ନିର୍ଦ୍ଦିଷ୍ଟ ଦଳୀୟ ଆଶାୟୀପ୍ରାର୍ଥୀ ନିଜର ପ୍ରଚାର ଅଭିଯାନ କରୁଥିବାର ଦେଖିବାକୁ ମିଳିଥିଲା। ଅପରାହ୍ନରେ +୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ପାର୍କକୁ ନିମନ୍ତ୍ରଣ କରାଯାଇଥିଲା। ସେଠାରେ ଖାଇବା ପି'ବାର ବ୍ୟବସ୍ଥା ମଧ୍ୟ ହୋଇଥିଲା। ତେବେ ଉଭୟ ଆଶାୟୀ ପ୍ରାର୍ଥୀ ଓ ଛାତ୍ରଛାତ୍ରୀ କଲେଜ ୟୁନିଫର୍ମରେ ନଥିଲେ। ପ୍ରାୟ ଦୁଇରୁ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ପାର୍କରେ ପ୍ରଚାର କାର୍ଯ୍ୟକ୍ରମ ହୋଇଥିଲା। କିଛି ନିର୍ଦ୍ଦିଷ୍ଟ ଦଳର ପ୍ରତିନିଧିମାନେ ପରୋକ୍ଷରେ ବହୁଅର୍ଥ ବ୍ୟୟ କରୁଥିବାର ଦେଖିବାକୁ ମିଳିଛି। ଯାହାକୁ ଅନ୍ୟ ଦଳର ସମର୍ଥକମାନେ ପ୍ରତିବାଦ କରୁଥିଲେ ହେଁ ସବୁ ଦଳର ପ୍ରାର୍ଥୀମାନେ ପ୍ରଚାର ଲାଗି ଟଙ୍କାବ୍ୟୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ନିର୍ବାଚନ ରଣଭୂମିରେ ଅବତୀର୍ଣ୍ଣ ହେବାକୁ ଥିବା ଆଶାୟୀ ପ୍ରାର୍ଥୀମାନେ ରଣ କୌଶଳ ଆରମ୍ଭ କରିଛନ୍ତି। ଅନେକ କ୍ୟାମ୍ପରେ ନିର୍ବାଚନକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ନିର୍ବାଚନ ପୂର୍ବରୁ ଯଦି ପୁର୍ନବାର କୌଣସି ଅପ୍ରିତିକର ପରିସ୍ଥିତ ସୃଷ୍ଟି ହୁଏ ତେବେ ନିର୍ବାଚନ ବାତିଲ ହେବ ବୋଲି ଚେତାବନୀ ରହିଥିବାରୁ ନିର୍ବାଚନ ବାତିଲ ଭୟରେ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ରହୁଛି। ଆଜି ଆଶାୟୀଙ୍କ ପକ୍ଷରୁ ସହିଦନଗର, ବାପୁଜିନଗର, ୟୁନିଟ-୪ ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀଙ୍କ ଘରକୁ ଘର ବୁଲି ଆଶାୟୀପ୍ରାର୍ଥୀ ପ୍ରଚାର କରିଥିଲେ। ନିର୍ବାଚନକୁ ନେଇ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଥିବା ବେଳେ ଛୁଟିଦିନରେ କ୍ୟାମ୍ପସ ବାହାରେ ପ୍ରଚାର ଜମୁଛି। ଫଳରେ ନିର୍ବାଚନୀ ହିଂସା ଘଟିବାର ଆଶଙ୍କା ମଧ୍ୟ ରହିଛି। ତେଣୁ କ୍ୟାମ୍ପସ ବାହାରେ ପ୍ରଚାର ବା ଭୋଜିଭାତର ଆୟୋଜନ ଉପରେ କଟକଣା ଲଗାଇବାକୁ ଦାବି ହେଉଛି।

ଅପରପକ୍ଷରେ କଲେଜସ୍ତରରେ ତଥ୍ୟ ଦେଖିଲେ ନିର୍ବାଚନରେ ୩୪୭ କଲେଜରେ ନାମାଙ୍କନ ହୋଇଛି ୮,୩୭୦। ସେଥିମଧ୍ୟରୁ ୧,୧୯୬ ପ୍ରାର୍ଥିପତ୍ର ବାତିଲ ହୋଇଥିବା ବେଳେ ବୈଧ ପ୍ରାର୍ଥୀ ୭,୧୭୪ ଅଛନ୍ତି । ସେହିଭଳି ୪୦୫ ପାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଥିବାବେଳେ ଚୂଡ଼ାନ୍ତ ପ୍ରାର୍ଥୀ ୬,୩୬୨ ରହିଛନ୍ତି।ସେହିପରି ବିଶ୍ୱବିଦ୍ୟାଳୟ ସ୍ତରରେ ଦେଖିଲେ, ମୋଟ ୧୩ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ସାମିଲ ହୋଇଥିବାବେଳେ ୪୨୯ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେଥିରୁ ୪୯ଙ୍କ ନାମାଙ୍କନ ବାତିଲ ହୋଇଥିବାବେଳେ ବୈଧ ପ୍ରାର୍ଥୀଙ୍କ ସଂଖ୍ୟା ୩୮୦ ରହିଛି। ତେବେ ୩୪ ଜଣଙ୍କ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନେଇଛନ୍ତି। ଚୂଡ଼ାନ୍ତ ପ୍ରାର୍ଥୀଙ୍କ ସଂଖ୍ୟା ରହିଛି ୨୮୭। ରାଜ୍ୟରେ ମୋଟ ୩୪୭ କଲେଜ ଓ ୧୩ ବିଶ୍ୱବିଦ୍ୟାଳୟ ଗୁଡିକରେ ନିର୍ବାଚନ ଲଢୁଛନ୍ତି ପ୍ରାର୍ଥୀ। ତେବେ ଏହି ତାଲିକାରେ କଲେଜ ଓ ବିଶ୍ୱବିଦ୍ୟାଳୟ ମିଶାଇ ୬,୬୪୯ ଜଣ ପ୍ରାର୍ଥୀ ରହିଛନ୍ତି। ଦିନ ଗଡ଼ିବା ସହ ବଢୁଛି ନିର୍ବାଚନୀ ଉଷ୍ମତା। ଆଉ ଏହି ଉଷ୍ମତା ଏବେ ଦେଖିବାକୁ ମିଳୁଛି କ୍ୟାମ୍ପସର କାନ୍ଥରେ। କେଉଁଠି ପ୍ରାର୍ଥୀଙ୍କ ବଡ଼ ବଡ଼ ପୋଷ୍ଟର ତ କେଉଁଠି ସମର୍ଥକଙ୍କ ନାରା। ପ୍ରବେଶ ପଥଠାରୁ କ୍ୟାଣ୍ଟିନ୍, ନୋଟିସ୍ ବୋର୍ଡ ନିକଟରୁ ଆରମ୍ଭ କରି କ୍ୟାମ୍ପସର ପ୍ରମୁଖ ସ୍ଥାନ ସବୁଠି ଏବେ ଛାଇଗଲାଣି ନିର୍ବାଚନୀ ପୋଷ୍ଟର। ଭୋଟରମାନଙ୍କ ନଜରକୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀମାନେ ଆପଣାଇଛନ୍ତି ଭିନ୍ନ ଭିନ୍ନ ରଣନୀତି। କିଏ ନିଜର ଫଟୋ ସହ ପ୍ରଚାର କରୁଛନ୍ତି, ତ ଆଉ କିଏ ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ନିଜ ଏଜେଣ୍ଡାକୁ ପୋଷ୍ଟରରେ ସ୍ଥାନ ଦେଇଛନ୍ତି। କେତେକ ସ୍ଥାନରେ ପୋଷ୍ଟର ଉପରେ ଆଉ ଗୋଟିଏ ପୋଷ୍ଟର ଲଗାଇବାକୁ ନେଇ ଦେଖିବାକୁ ମିଳୁଛି ପ୍ରତିଯୋଗିତା। ମାତ୍ର କ୍ୟାମ୍ପସରେ ଭୋଟର କହୁଛନ୍ତି, ଯିଏ ଯେତେ ଭୋଟ ମାଗିଲେ ମଧ୍ୟ ଆମେ ପ୍ରାର୍ଥିର ବ୍ୟକ୍ତିତ୍ୱ ଆଉ ଯିଏ କାମ କରିପାରିବ ତାହାକୁ ବାଛିବୁ।

# ବରିଷ୍ଠ ନାଗରିକଙ୍କୁ ସରକାରଙ୍କ ତୀର୍ଥଦର୍ଶନ ଭେଟି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ସରକାରଙ୍କ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ମୟୂରଭଞ୍ଜ ଜିଲ୍ଲାର ୧୯୬ ଜଣ ବରିଷ୍ଠ ନାଗରିକ ବାରାଣସୀ ଓ ଅଯୋଧ୍ୟା ତୀର୍ଥଯାତ୍ରାରେ ବାହାରିଛନ୍ତି। ବାରିପଦା ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଗୁଡ଼ିକୁ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ୧୯୬ ଜଣ ବରିଷ୍ଠ ନଗରିକ ତୀର୍ଥଯାତ୍ରୀ ଭାବେ ସାମିଲ ହୋଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଥିଲେ ଯେ, ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଦୀର୍ଘଦିନର ଆକାଂକ୍ଷା ଥିଲା। ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଓ ସମର୍ଥନ ଯୋଗୁଁ ଏହି ଆକାଂକ୍ଷା ଆଜି ସାକାର ହୋଇପାରିଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ବରିଷ୍ଠ ନାଗରିକମାନଙ୍କୁ ପବିତ୍ର ତୀର୍ଥସ୍ଥଳୀ ଦର୍ଶନର ସୁଯୋଗ ଦେବା ସହ ସେମାନଙ୍କ ଜୀବନରେ ଏକ ସ୍ମରଣୀୟ ଆଧ୍ୟାତ୍ମିକ ଅନୁଭୂତି ଯୋଡ଼ିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ୫ଟି ବସ୍ ଯୋଗେ ତୀର୍ଥଯାତ୍ରୀମାନେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଅକ୍ଟୋବର ୧୨ ତାରିଖରେ ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ। ଏହାରି ମଧ୍ୟରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲଲାଙ୍କ ଦର୍ଶନ ସହ ବିଭିନ୍ନ ଧାର୍ମିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବାର ସୁଯୋଗ ପାଇବେ। ଯାତ୍ରୀମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଯାତ୍ରାକାଳୀନ ସୁବିଧାକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ଯାତ୍ରା ପୂର୍ବରୁ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା । ଯାତ୍ରା ସମୟରେ ଯାତ୍ରୀଙ୍କ ଯତ୍ନ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀ ମଧ୍ୟ ତୀର୍ଥଯାତ୍ରାଙ୍କ ସହ ଯାତ୍ରା କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ହିମାଂଶୁ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସୁଚାରୁ ଆୟୋଜନ ଓ ସଫଳ ରୂପାୟନରେ ଜିଲ୍ଲା ପର୍ଯ୍ୟଟନ ବିଭାଗର ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ ନେଇ ବିଜେଡିର ଅଭିଯୋଗ: ହିଂସା ଓ ବଳପ୍ରୟୋଗ କରି ଜିତିବା ପାଇଁ ବିଜେପିର ଅପଚେଷ୍ଟା




ଭୁବନେଶ୍ୱର,(ଜା.ପ୍ର): ପୋଲସରା, ବୁଗୁଡା, ବାଲିପଦର ତଥା ଗଞ୍ଜାମ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନକୁ ଯେନତେନ ପ୍ରକାରରେ ଦଖଲ କରିବା ପାଇଁ ବିଜେପି ହିଂସା ଓ ବଳପ୍ରୟୋଗ କରୁଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ପ୍ରଶାସନିକ କଳକୁ ନିୟୋଜିତ କରି ମନ୍ତ୍ରୀ ଧମକାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ନଗ୍ନ ଅପବ୍ୟବହାରକୁ ଦୃଢ ନିନ୍ଦା କରିଛନ୍ତି।

ଶ୍ରୀ ସାହୁ କହିଛନ୍ତି ଯେ, ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ପରେ ପୋଲସରା, ବୁଗୁଡ଼ା ଓ ବାଲିପଦ କଲେଜରେ ବିଜୁ ଛାତ୍ର ଜନତା ଦଳର ବିଜୟ ସମ୍ଭାବନା ସର୍ବାଧିକ ଥିବା ଜାଣି ବିଜେପି ସରକାରୀ କଳର ବ୍ୟବହାର କରି ସ୍ଥାନୀୟ ପ୍ରଶାସନ ଓ ଅସାମାଜିକ ବ୍ୟକ୍ତିଙ୍କ ଜରିଆରେ ପ୍ରାର୍ଥୀ ଓ ତାଙ୍କ ପରିବାର ଉପରେ ଚାପ ପ୍ରୟୋଗ କରି ପ୍ରାର୍ଥିପତ୍ର ପ୍ରତ୍ୟାହାରରେ ସକ୍ଷମ ହୋଇଛନ୍ତି। ହିଂସାକାଣ୍ଡ ପରେ ସ୍ଥାନୀୟ ପୁଲିସକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଭଳି କ୍ଷମତାର ଅପବ୍ୟବହାର କରି ଛାତ୍ର ସଂସଦକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ନେଇ ଦୃଢ ନିନ୍ଦା କରିଛନ୍ତି ଶ୍ରୀ ସାହୁ।

ସେହିପରି ଶ୍ରୀ ପଣ୍ଡା କହିଛନ୍ତି ନବୀନ ବାବୁ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ମଡେଲ ରାଜ୍ୟ ଭାବେ ପ୍ରତିଷ୍ଠିତ କରି ପ୍ରଶଂସିତ ହୋଇଥିଲା ବେଳେ ଅଢେଇ ବର୍ଷର ବିଜେପି ସରକାର ନିଜ କୁଶାସନ ଲାଗି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ନିନ୍ଦିତ କରିବାରେ ଲାଗିଛି। ନବୀନ ବାବୁଙ୍କ ସଂପର୍କରେ ଟିକାଟିପ୍ପଣୀ ଦେଇ ଚର୍ଚ୍ଚାରେ ରହିବା ପାଇଁ ବିଜେପି ନେତା ମନ୍ତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଦେଶ ତଥା ରାଜ୍ୟବାସୀ ଜାଣନ୍ତି ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ଓ ଶାସନ କିଭଳି ଥିଲା। ଆଗାମୀ ଦିନରେ ଓଡିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ରାଜ୍ୟସ୍ତରୀୟ ଯୁବକବି ସମ୍ମିଳନୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ହେଲ୍ପମେଟ୍' ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ମହାତ୍ମା ଗାନ୍ଧୀ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ' ଅଧୀନ ବୁଦ୍ଧ ମନ୍ଦିର ପରିସରରେ ରାଜ୍ୟସ୍ତରୀୟ ଯୁବକବି ସମ୍ମିଳନୀ ଏବଂ ଦର୍ଶକ ସାଧାରଣ ଜ୍ଞାନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ସମାରୋହରେ 'ସତ୍ୟ, ସଂଗ୍ରାମ ଓ ସ୍ୱପ୍ନ' ଶୀର୍ଷକ ଆଭିମୁଖ୍ୟକୁ ନେଇ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବକବିମାନେ ଗାନ୍ଧୀଜୀଙ୍କ ଅହିଂସା, ସତ୍ୟାଗ୍ରହ ଓ ନୈତିକ ମୂଲ୍ୟବୋଧ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣ କରିଥିବା ସମସ୍ତ ଯୁବକବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ଉପସ୍ଥିତ ଦର୍ଶକ ଓ ଶ୍ରୋତାମାନଙ୍କ ପାଇଁ ଗାନ୍ଧୀଜୀଙ୍କ ଜୀବନୀ, ନୀତି ଓ ଆଦର୍ଶ ଉପରେ ଏକ ବିଶେଷ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସଠିକ୍ ଉତ୍ତର ଦେଇଥିବା ସଫଳ ଶ୍ରୋତା ଓ ପ୍ରତିଯୋଗୀମାନଙ୍କୁ ମଞ୍ଚରେ ତତ୍‌କ୍ଷଣାତ୍ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମର ଅତିଥି ବନ୍ଦନା ମହାନ୍ତି, ମଧୁସ୍ମିତା ରାୟ, ଡ. ସୁଶୀଲ କୁମାର ପଟ୍ଟନାୟକ, ନିହାରିକା ପଟ୍ଟନାୟକ ଏବଂ ଲୀନା ମିଶ୍ର ଉପସ୍ଥିତ ରହି ଯୁବପିଢ଼ିଙ୍କୁ ଗାନ୍ଧୀବାଦୀ ଚିନ୍ତାଧାରାରେ ପ୍ରେରିତ ହେବାକୁ ଆହ୍ୱାନ ଦେଇଥିଲେ। ମଞ୍ଚ ସଞ୍ଚାଳନା କରିଥିଲେ ଜୟଶ୍ରୀ ପଟ୍ଟନାୟକ। ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

ଜାତୀୟ ଚେତନା
JATIYA CHETANA





# ଝରକା ଖୋଲାଅଛି

ଶ୍ରାବଣର ମେଘୁଆ ଆକାଶରୁ ବାଦଲ ଚିରି ଝାପସା ଜହ୍ନ ଆଲୁଅ ବାଟ କଢ଼େଇ ନେଇଯାଉଥାଏ ଏକ ଦୁର୍ଗମ ପାହାଡ଼ି ଗାଁକୁ। ସାଇକେଲ ଚଳେଇ ଯାଉଥାଏ ବାନ୍ଧବୀସହ ଦେଖା କରିବାକୁ। ପ୍ରଥମକରି ଦେଖାକରିବି। ଜଣାନାହିଁ ବାନ୍ଧବୀର ଘର। ଖାଲି ଏତିକି ଜାଣିଥିଲି ପାହାଡ଼ର ସେପାଖ ଗାଁରେ ସେ ରହେ। ନା ଅଛି ମୋବାଇଲ ଫୋନ୍ ନା ଅଛି ଟର୍ଚ୍ଚ ଆଲୁଅ। ଜହ୍ନ ଆଲୋକକୁ ଭରଷା କରି ମନରେ ଅମାପ ଆଶା ଓ ହୃଦୟରେ ଅଶେଷ ପ୍ରେମକୁ ଗଣ୍ଠିଲିକରି ଚାଲିଥାଏ। ଆଗରୁ କେବେ ମୁଁ ତାଙ୍କୁ ଦେଖିନି କି ସେ ମଧ୍ୟ ମୋତେ ଦେଖିନାହାନ୍ତି। ତାଙ୍କର ଜଣେ ସଙ୍ଗିନୀ ମାଧ୍ୟମରେ ଆମର କଥାବାର୍ତ୍ତା। ତାଙ୍କ ସଙ୍ଗିନୀ ଭାରତୀୟ ଡାକବିଭାଗରେ ଚାକିରି କରନ୍ତି। ସବୁଦିନ ଆମ ଗାଁ ବାଟଦେଇ ଯିବାଆସିବା କରନ୍ତି। ମୁଁ ସବୁବେଳେ ତାଙ୍କ ଆସିବାବାଟକୁ ଚାହିଁବସିଥାଏ। କେତେବେଳେ ଆସିବେ, ବାନ୍ଧବୀର କଥା ମୋତେ ଜଣେଇବେ। ସେ ବାନ୍ଧବୀର କଥା ମୋତେ କହିବା ସହ ମୋ କଥା ବାନ୍ଧବୀଙ୍କୁ କୁହନ୍ତି। ସେ ଯେ କେବଳ ଜଣେ ଡାକବିଭାଗର କର୍ମଚାରୀ ଥିଲେ ତାନୁହେଁ। ସେ ଜଣେ ବହୁତ ସରଳ ଓ ହୃଦୟବାନ ବ୍ୟକ୍ତି ଥିଲେ। ଆମ ଦୁହିଁଙ୍କ ମଧ୍ୟରେ ଏକ ଅତୁଟ ବନ୍ଧନକୁ ବାନ୍ଧିରଖିବାର ଅଭଙ୍ଗା ସେତୁଟିଏ ଥିଲେ। ତାଙ୍କରି କଥା ଅନୁସାରେ ମୁଁ ସେଦିନ ଯାଇଥାଏ ବାନ୍ଧବୀକୁ ଦେଖାକରିବାକୁ। ଯୋଜନା ଥିଲା ଗାଗାଁର ସବୁଲୋକ ଶୋଇଯିବା ପରେ ଗାଁ ମୁଣ୍ଡରେ ଥିବା ହୁଣ୍ଡିଘରେ ଦୁହେଁ ଦୁହିଙ୍କୁ ଭେଟହେବା। ଶ୍ରାବଣ ରାତି ପାହାଡ଼ ପାରିହେଇ ଗାଗାଁରେ ପହଞ୍ଚିବାକୁ ଆଉ ଅଳ୍ପ ବାଟ ବାକିଥାଏ। ହଠାତ କଳାବାଲରେ ଛାଇଗଲା ଆକାଶ, କଳାବାଦଲର ଘନତା ଭିତରେ ହଜିଗଲା ଜହ୍ନ ଆଲୁଅ। ରାସ୍ତାଘାଟ ଅନ୍ଧକାର ହେଇଗଲା କିଛି କୁଆଡ଼େ ଦେଖାଗଲାନି। ଦୂରରେ ଏକ ଆଲୋକ ଦେଖାଯାଉଥାଏ। ସେଇ ଆଲୋକକୁ ଲକ୍ଷ କରି ଆଗେଇ ଚାଲିଥାଏ। ଝରିଆସିଲା ମୂଷଳ ଧାରାରେ ବର୍ଷା। ସତେ ଯେପରି ବାଦଲଟା ଫାଟିଗଲା କି! ଓଦା ଜୁଡୁବୁଡୁ ଶରୀରକୁ ନେଇ ଆଲୋକଦିଗରେ ଅଗ୍ରସର ହୋଇଥାଏ। ଏକ କୁଟୀର ସହ ନିର୍ମାଣାଧୀନ କାନ୍ଥଟିଏ ଛିଡ଼ାହୋଇଥାଏ। ଏଇଠି ସେଇ ଆଲୁଅଟି ମିଞ୍ଜିମିଞ୍ଜି ହେଇ ତିମିରରେ ଆଲୋକ ବିଞ୍ଚିବାକୁ ପ୍ରୟାସ କରୁଥାଏ। ସେଇଠି ଅଟକିଗଲି। କାନ୍ଥ ପାଖକୁ ଟିକିଏ ଆଉଜି ହେଲି, ବର୍ଷାର ପ୍ରକୋପରୁ ରକ୍ଷା ପାଇବା ପାଇଁ। ଏତିକିବେଳେ କେହିଜଣେ ଧୀର ଓ ନମ୍ର କଣ୍ଠରେ କହିଲା ଝରକା ଖୋଲାଅଛି। କଥାରୁ ଜାଣିହେଲା ମୋ ଓଦା ଜୁଡୁବୁଡୁ ଶରୀରର କଷ୍ଟ ସହିନପାରି ସେ ମୋତେ ଝରକା ଦେଇ ଘରଭିତରକୁ ଡାକୁଛନ୍ତି।

ତାଙ୍କୁ ଆଗକୁ ଆଉକିଛି କହିବାର ସୁଯୋଗ ନଦେଇ ନିର୍ମାଣାଧୀନ କାନ୍ଥର ସେଇ ଝରକା ଦେଇ ମୁଁ ଲମ୍ଫ ପ୍ରଦାନ କରିଦେଲି ଯେ, ସିଧାଯାଇ ପାଣିପୂର୍ଣ୍ଣ ଖାଲ ଭିତରେ ପଡ଼ିଗଲି। ଟିକେ ରୁହ ବୋଲି କହିବା ଆଗରୁ ମୁଁ ଖାଲରେ ପଡ଼ିଯାଇଥାଏ। ମୋତେ ଖାଲରୁ ବାହାର କରିବା ପାଇଁ ହାତ ବଢ଼ାଇ ମୋ ହାତକୁ ସ୍ପର୍ଶ କରନ୍ତେ ମୋ ଦେହ ଝିମ୍ ଝିମ୍ ହେଇଗଲା। କେତେ ଉଷ୍ଣ ଥିଲା ସେ ସ୍ପର୍ଶ! ଖାଲ ଭିତରୁ ବାହାରିଆସିଲି ସତ, ଶରୀର ଢାଙ୍କିଥିବା ଓଦା କପଡ଼ାଟି ମୋ ଶରୀରରୁ ସବୁ ତାପକୁ ଶୋଷିନେଇଥାଏ। ମୁଁ କଦଳୀପତ୍ର ପରି ଥରୁଥାଏ, ମୋ କଣ୍ଠରୁ ଶବ୍ଦ ବାହାରୁନଥାଏ। ଏଇସମୟରେ ମୋ ହାତକୁ ଗାମୁଛାଟିଏ ବଢ଼େଇଦେଇ ପୁଣି ସେଇ ନମ୍ର ସ୍ୱରରେ କହିଲେ ଏଇଥିରେ ଦେହ ପୋଛିହୁଅ। ମୁଁ ଶରୀରରୁ ଓଦା ବସ୍ତ୍ର ସବୁ ଖୋଲିଦେଇ ଗାମୁଛାରେ ଦେହ ପୋଛିହେବା ସହ ଅର୍ଦ୍ଧଶରୀର ଢାଙ୍କିହେଲି। ମୋ ବିଷୟରେ ସେ କିଛି ପଚାରିଚାଲିଥାଆନ୍ତି ଆଉ ମୁଁ କହିଚାଲିଥାଏ। ତାଙ୍କର ସେଇ କଅଁଳ ସୁରିଲା ଶବ୍ଦରେ ମୁଁ କେତେବେଳେ ନିଜକୁ ହଜାଇଦେଇଥିଲି ମୁଁ ବି ଜାଣିନି। ମୋ ଶରୀରର ଥର କମୁନଥାଏ। ଦୁହେଁ ଦୁହିଁଙ୍କ ସହ କଥାହେଇ ନିଜର ନିଜର ଅନୁଭବ କରିସାରିଥାଉ ।ସେତେବେଳକୁ ରାତ୍ରିର ଦ୍ୱିତୀୟ ପ୍ରହର ସରିଆସି ତୃତୀୟ ପ୍ରହର ଆରମ୍ଭ ହୋଇଯାଇଥାଏ। ମୋ ଶରୀରର କମ୍ପନ କମେଇବା ପାଇଁ କେତେବେଳେ ଯେ ସେ ମୋ ନିକଟକୁ ଆସି ମୋତେ ଆଲିଙ୍ଗନ କରି ଜାବୁଡ଼ି ଧରିଥିଲେ ମୁଁ ଜାଣିପାରିନଥିଲି। ତାଙ୍କ ଶରୀରର ଉଷ୍ଣତା ମୋତେ ଆତଙ୍କିତ କରିବା ସହ ମୋ ଶରୀରର ଉତ୍ତାପକୁ ଦ୍ୱିଗୁଣିତ କରିଚାଲିଥାଏ। ଅଜାଣତରେ ମୁଁ ମଧ୍ୟ ତାଙ୍କୁ ଆଲିଙ୍ଗନ କରି ଜାବୁଡ଼ିଧରିଥାଏ। ଦୁହିଙ୍କ ଶରୀର ଏକ ହେଇଯାଇଥାଏ। ସେ ଧିରେ ଧିରେ ଦୁର୍ବଳ ହୋଇପଡ଼ନ୍ତି ଓ ମୋ ଓଠକୁ ଚୁମିଯାଆନ୍ତି। ମୁଁ ମଧ୍ୟ ଅଧରମଧୁ ପାନକରିଚାଲିଥାଏ। ମୋ ସାଉଁଟା ସ୍ୱପ୍ନ ସବୁ ଚୁରମାର୍ ହେଇଯାଏ। ସତରେ ମୁଁ କ'ଣ କିଛି ଭୁଲ୍ କରିଦେଲିକି। ନା ରାତିଅଧରେ ବର୍ଷାର ଝିପ୍ ଝିପ୍ ତାଳରେ ଗୋଟେ ଯୁବତୀର ଯୌବନର ଅଗ୍ନିକୁ ଶାନ୍ତକରିବାପାଇଁ ବର୍ଷାରାଣୀ ମୋତେ ଏଇଠି ଅଟକାଇଦେଲେ। ମୁଁ କିଛି ବୁଝିପାରୁନଥାଏ। ଇତିମଧ୍ୟରେ ରାତିର ଅନ୍ତିମ ପ୍ରହର ଯାଇ ବ୍ରାହ୍ମ୍ୟମୁହୁର୍ତ୍ତ ହୋଇଆସିଲା। କାଉ ଟିଏ କାଆ କରି ରାବଦେଲା ଆଉ ଉଭୟେ ଉଭୟଙ୍କୁ ଛାଡ଼ିକୁ ଯେତେ ଇଚ୍ଛା କରୁଥିଲେବି ଯୌବନର ବହ୍ନି ଦୁହିଙ୍କୁ ତରଳାଇ ଗୋଟିଏ ଖିଅରେ ମିଶେଇଦେଇଥାଏ। ହଠାତ୍ ଏକ କେହି ଜଣେ କାଶିବାର ଶବ୍ଦ ଶୁଣାଗଲା,ସେ ମୋତେ ଛାଡ଼ିଦେଲେ, ଆଉ ସେଇ ଝରକା ଆଡ଼କୁ ହାତବଢ଼େଇ କହିଲେ, ଝରକା ଖୋଲା ଅଛି।

**ଦିଗମ୍ବର ବେହେରା**
*କୁମୁଟିଗୁଡ଼ା, ମାଲକାନଗିରି*
*ମୋ: ୯୭୭୬୪୫୬୪୮୭*

# ରୁମାଲ୍



ଚାଲ ହଜାରେ ଦୁଃଖକୁ ପଛରେ
ଛାଡ଼ିଦେଇ,
ତୁମ ଦେହର ଝାଳରେ ବତୁରିଥିବା
ଯେତେ ସବୁ ଲୁହ ପୋଛି ଦେଇ,
ଦି' ପାଦ ଆଗକୁ ଯିବା......
ମୁଁ ଜାଣେ,
ସେ ଚାରିକଣିଆ ସମ୍ବଲପୁରୀ
ରୁମାଲରେ ମତେ ଲୁଚେଇ ଲୁଚି
ଲୁଚି କେତେ ଥର,
ଲୁହମିଶା ପାଣିକୁ ନାକ ସୁଂସୁଂ କରି
ପୋଛି ଥିବ ତୁମେ ....
ତୁମ ପ୍ୟାଣ୍ଟ୍ ସାର୍ଟ ସଫା କଲା ବେଳେ
ଯେବେ ସେ ବତୁରିଥିବା ଝାଳୁଆ
ରୁମାଲ୍ ଟିକୁ ବାହାର କରେ
ମତେ ସତରେ କାହିଁକି କେଜାଣି
ଭାରି ନିସହାୟ ଲାଗେ। !
ତୁମେ ସେଇ ମଣିଷ ତ?
ଯିଏ ଅନ୍ଧାରରେ ଦେଖିପାରେ ମତେ।
ତୁମେ ସେଇ ମଣିଷ ତ?
ଯିଏ ହଜାରେ ଭିଡ଼ରୁ ଚିହ୍ନି ପାରେ
ମତେ।
ହେଲେ,
ଆଜି ଏତେ ଚୁପ୍ ଚାପ୍ କଣ ଯେ?
ଚାଲ
ପୁଣି ଥରେ ଦି ପାଦ ଆଗକୁ ଯିବା
ମୋ ହାତରେ ହାତ ରଖି ନୁହେଁ
ମୋ ପାଦରେ ଠିଆ କରେଇ,
ଆଉ ଗୋଟେ ଦୁନିଆ କୁ ନେଇଯିବି,
ଦୁଃଖ ତ ଥିବ,
ପକ୍ଷୀ ମାନେ ବି ଥିବେ, ବର୍ଷା ଥିବ,
ମଳୟ ବି ବହୁ ଥିବ,
ମଳୟ କୁ ରାଣ ଦେଇ କହି ଦେବି,
ଝାଳ ବୁହେଇ ଦେବନି ତୁମ ମଥାରୁ,
କି ଆଖିର ଲୁହକୁ ପୋଛିବାକୁ
ଦେବିନି
ସେ ସମ୍ବଲପୁରୀ ପୁରୁଣା ରୁମାଲ୍‌ରେ।
ମୁଁ ସିଏ
ଯିଏ ତୁମର ହଜରେ ଭୁଲ୍‌କୁ କ୍ଷମା
କରିଛି, ମୁଁ ସିଏ
ଯିଏ ତୁମ ହାତ ଛଡ଼ା ଆଉ କାହା
ହାତକୁ ଭରସା କରିନି ଆଜି ଯାଏ ।
ମୁଁ ସିଏ
ଯିଏ ଦୁନିଆଁ ଭିଡ଼ରୁ କେବଳ ତୁମକୁ
ବାଛିଛି, ବାସ୍...
ଚାଲ ପୁଣି ଥରେ ଦି ପାଦ ଆଗକୁ
ଯିବା।

**ସୁଶ୍ରୀ ମିଲି ସାହୁ**
ଜଗତସିଂହପୁର
ମୋ: ୯୪୩୭୯୮୮୪୮୩



# ରଙ୍ଗୀନ ଆତ୍ମା

ଗୋଟିଏ ଛୋଟ ପାହାଡ଼ିଆ ସହରର ବର୍ଷାସାତ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଆଲେଖ୍ୟ ଓ ସୁଚରିତ୍ରାଙ୍କର କାହାଣୀ।ଆଲେଖ୍ୟ ଜଣେ ନିରବଚ୍ଛେଦ ଚିତ୍ରଶିଳ୍ପୀ, ଯିଏ ନିଜର ଚିତ୍ରକଳା ମାଧ୍ୟମରେ ମନର ଗଭୀର ଭାବନାକୁ କାନ୍‌ଭାସରେ ଉତାରିବାରେ ନିପୁଣ। ଆଉ ସୁଚରିତ୍ରା ଥିଲେ ଜଣେ ସାହିତ୍ୟ ଅନୁରାଗୀ, ଯାହାଙ୍କ ଶବ୍ଦରେ ଜୀବନ୍ତ ହୋଇଉଠୁଥିଲା ଭାବପ୍ରବଣତା।

ସେଦିନ ପ୍ରବଳ ବର୍ଷା ହେଉଥିବାରୁ ଦୁହେଁ ସହରର ଗୋଟିଏ ପୁରୁଣା କାଫେରେ ନିଜ ନିଜ କାମରେ ବ୍ୟସ୍ତ ଥିଲେ। ଆଲେଖ୍ୟ ନିଜ କାନ୍ଭାସରେ ଗୋଟିଏ ବର୍ଷାସିକ୍ତ ଝରକାର ଛବି ଆଙ୍କୁଥିଲେ, ଆଉ ସୁଚରିତ୍ରା କୋଣସି ଗୋଟିଏ ବହି ପଢ଼ିବାରେ ମଗ୍ନ ଥିଲେ। ହଠାତ୍ କାଫେର ବିଜୁଳି ଚାଲିଗଲା, ଆଉ କେବଳ ମୋମବଳିର ମନ୍ଦ ଆଲୋକ ସାରା କାଫେକୁ ଏକ ଭିନ୍ନ ସୌନ୍ଦର୍ଯ୍ୟରେ ଭରିଦେଲା।

ଆଲେଖ୍ୟ ନିଜ ଚିତ୍ରଟିକୁ ଅଧାରେ ରଖି ବାହାରର ବର୍ଷାକୁ ଦେଖୁଥିଲେ, ସେତିକିବେଳେ ସୁଚରିତ୍ରାଙ୍କ ନଜର ଆଲେଖ୍ୟଙ୍କ କାନ୍‌ଭାସ ଉପରେ ପଡ଼ିଲା।

'ଏହି ଛବିଟିରେ କିଛି ଅସମ୍ପୂର୍ଣ୍ଣତା ଅଛି, କିନ୍ତୁ ସେହି ଅସମ୍ପୂର୍ଣ୍ଣତା ଭିତରେ ବି ଏକ ଅପୂର୍ବ ଶାନ୍ତି ଅଛି,' ସୁଚରିତ୍ରା ଧୀର ସ୍ୱରରେ କହିଲେ।

ଆଲେଖ୍ୟ ହସି ଦେଇ କହିଲେ, 'ଜୀବନର ଅନେକ ଭାବନା ଏମିତି ଅସମ୍ପୂର୍ଣ୍ଣ ରହିଗଲେ ବି ସୁନ୍ଦର ଦେଖାଯାଏ। ଆପଣ ସାହିତ୍ୟ ପସନ୍ଦ କରନ୍ତି ନା?'

ସେହି ସନ୍ଧ୍ୟାରୁ ଦୁହିଁଙ୍କ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ସମୟ ସାଥୀରେ ଦୁହିଁଙ୍କ ସମ୍ପର୍କ ଗଭୀର ହେବାକୁ ଲାଗିଲା। ସେମାନେ ପ୍ରତିଦିନ ସନ୍ଧ୍ୟାରେ ମିଶୁଥିଲେ, ପାହାଡ଼ିଆ ରାସ୍ତାରେ ଚାଲୁଥିଲେ, ଆଉ ନିଜ ନିଜର ସ୍ୱପ୍ନ ଓ ଭାବନା ସେୟାର କରୁଥିଲେ। ଆଲେଖ୍ୟଙ୍କ ପ୍ରତିଟି ଛବିରେ ସୁଚରିତ୍ରାଙ୍କର ଗୋଟିଏ ନୂଆ କବିତା ଯୋଡ଼ିହୋଇଗଲା, ସୁଚରିତ୍ରାଙ୍କ ପ୍ରତିଟି କବିତା ଆଲେଖ୍ୟଙ୍କ ନୂଆ ରଙ୍ଗରେ ଜୀବନ୍ତ ହେଲା।

ଦିନେ ସନ୍ଧ୍ୟାରେ ପାହାଡ଼ ଉପରେ ଥିବା ସୂର୍ଯ୍ୟାସ୍ତ ଦେଖିବା ସମୟରେ ଆଲେଖ୍ୟ ସୁଚରିତ୍ରାଙ୍କ ହାତ ଧରି କହିଲେ, 'ମୋର ରଙ୍ଗଗୁଡ଼ିକ ଆଜି ପର୍ଯ୍ୟନ୍ତ କେବଳ କାଗଜରେ ଥିଲା, କିନ୍ତୁ ତୁମେ ଆସିବା ପରଠାରୁ ମୋ ଜୀବନଟା ସମ୍ପୂର୍ଣ୍ଣ ରଙ୍ଗୀନ ହୋଇଯାଇଛି।'

ସୁଚରିତ୍ରା ଆଖିରେ ଲୁହ ନେଇ ହସିଦେଲେ ଆଉ କହିଲେ, 'ମୋର ଶବ୍ଦଗୁଡ଼ିକ ବି ଆଜି ପର୍ଯ୍ୟନ୍ତ ନିରବ ଥିଲା, ତୁମେ ସେଥିରେ ସ୍ୱର ଭରିଦେଲ।'

ଦୁହିଁଙ୍କ ଭଲପାଇବା କେବଳ ଶାରୀରିକ ଆକର୍ଷଣ ନଥିଲା, ତାହା ଥିଲା ଦୁଇଟି ଆତ୍ମାର ଗଭୀର ମିଳନ- ଯେଉଁଠି କଳା, ସାହିତ୍ୟ, ଆଉ ଅସୀମ ଶ୍ରଦ୍ଧା ଏକାଠି ହୋଇଗ୍ରହଣ କରିଥିଲେ ଏକ ଚିରନ୍ତନ ପ୍ରେମର ରୂପ।

**ଜିତେନ୍ଦ୍ର କୁମାର ପଲେଇ**
*ଖଣତ, ଖୋର୍ଦ୍ଧା*

ଜାତୀୟ ଚେତନା
JATIYA CHETANA



# ଇତିହାସ ରଚିଲେ ବାଂଲାଦେଶ ଫାଷ୍ଟ୍ ବୋଲର୍ ହସନ ମହମୁଦ




ଆବୁଧାବି,(ଏଜେନ୍ସି): ବାଂଲାଦେଶ ଫାଷ୍ଟ୍ ବୋଲର୍ ହସନ୍ ମହମୁଦ ଟେଷ୍ଟ୍ କ୍ରିକେଟ୍‌ରେ ଇତିହାସ ରଚିଛନ୍ତି। ୨୬ ବର୍ଷୀୟ ଏହି ଫାଷ୍ଟ୍ ବୋଲର୍ ଆବୁଧାବିରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ଏକମାତ୍ର ଟେଷ୍ଟ୍ ମ୍ୟାଚ୍‌ର ତୃତୀୟ ଦିନ ରବିବାର ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ଏହା ସହିତ ଟେଷ୍ଟ୍ କ୍ରିକେଟ୍‌ରେ ହ୍ୟାଟ୍ରିକ୍ ହାସଲ କରିବାରେ ହସନ ବାଂଲାଦେଶର ପ୍ରଥମ ଫାଷ୍ଟ୍ ବୋଲର୍ ହୋଇଛନ୍ତି।

ଆଫଗାନିସ୍ତାନର ପ୍ରଥମ ଇନିଂସ୍‌ର ୮୩ତମ ଓଭର୍‌ରେ ହସନ୍ ଏହି କାରନାମା କରିଛନ୍ତି। ଓଭର୍‌ର ତୃତୀୟ ବଲ୍‌ରେ ସେ ଇସ୍‌ମତ ଆଲମଙ୍କୁ ବୋଲ୍ଡ କରିଥିଲେ। ପୁଣି ପରବର୍ତ୍ତୀ ବଲ୍‌ରେ କୈସ୍ ଅହମଦଙ୍କୁ ୱିକେଟ୍‌କିପର୍ ଲିଟନ ଦାସଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇବା ପରେ ଜିୟା-ଉର୍-ରହମନଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହା ସହିତ ହସନ ଟେଷ୍ଟ୍ କ୍ରିକେଟ୍‌ରେ ନିଜର ପ୍ରଥମ ହ୍ୟାଟ୍ରିକ୍ ପୂରଣ କରିଛନ୍ତି। ତାଙ୍କର ଏହି ଉପଲବ୍ଧି ବାଂଲାଦେଶ କ୍ରିକେଟ୍‌ରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

ହସନ୍ ମହମୁଦ ବାଂଲାଦେଶ ପକ୍ଷରୁ ଟେଷ୍ଟ୍ କ୍ରିକେଟ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିବାରେ ମୋଟ ତୃତୀୟ ବୋଲର୍। ତାଙ୍କ ପୂର୍ବରୁ ଆଲୋକ କପାଳୀ ୨୦୦୩ରେ ପେଶାୱାର୍‌ରେ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ନେଇଥିଲେ। ସେହିପରି ସୋହାଗ ଗାଜୀ ୨୦୧୩ରେ ନ୍ୟୁଜିଲାଣ୍ଡ ବିପକ୍ଷ ଚଟଗ୍ରାମ ଟେଷ୍ଟ୍‌ରେ ଏହି ଉପଲବ୍ଧି ହାସଲ କରିଥିଲେ। ତେବେ ଏହି ଦୁଇଜଣ ସ୍ପିନ୍ ବୋଲର୍ ଥିଲେ। ହସନ୍ ଆଫଗାନିସ୍ତାନର ପ୍ରଥମ ଇନିଂସ୍‌ରେ ମୋଟ ୫୫ ରନ୍ ଦେଇ ୫ ୱିକେଟ୍ ନେଇଛନ୍ତି। ତାଙ୍କ ପ୍ରଦର୍ଶନ ବଳରେ ଆଫଗାନିସ୍ତାନ ଟିମ୍ ୨୪୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ପୂର୍ବରୁ ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୩୪୬ ରନ୍ କରିଥିଲା। ତୃତୀୟ ଦିନର ଖେଳ ଶେଷ ବେଳକୁ ବାଂଲାଦେଶ ଦ୍ୱିତୀୟ ଇନିଂସ୍‌ରେ ୬ ୱିକେଟ୍‌ରେ ୨୨୩ ରନ୍ କରି ୩୨୯ ରନ୍‌ରେ ଆଗୁଆ ରହି ସ୍ଥିତି ମଜଭୁତ କରିଛି।

# ୱେଷ୍ଟଇଣ୍ଡିଜ୍‌କୁ ୧୪ ରନ୍‌ରେ ହରାଇଲା ଭାରତ

ଇନ୍ଦୋର,(ଏଜେନ୍ସି): ସ୍ଥାନୀୟ ହୋଲକର ଷ୍ଟାଡିୟମ୍‌ରେ ଖେଳାଯାଇଥିବା ତୃତୀୟ ଟି-୨୦ ଅନ୍ତର୍ଜାତୀୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ୧୪ ରନ୍‌ର ରୋମାଞ୍ଚକର ବିଜୟ ହାସଲ କରିଛି। ଏହି ବିଜୟ ସହିତ ଭାରତ ପାଞ୍ଚ ମ୍ୟାଚ୍‌ର ସିରିଜ୍‌ରେ ୨-୧ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ପ୍ରଥମେ ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୨୨୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୭ ୱିକେଟ୍ ବିନିମୟରେ ୨୦୯ ରନ୍ କରିବାକୁ ସମର୍ଥ ହୋଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ବୁଧବାର ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ।

୨୨୪ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରୁଥିବା କ୍ୟାରିବିୟାନ୍ ଟିମ୍‌ର ଆରମ୍ଭ ବହୁ ଖରାପ ଥିଲା ଏବଂ ଭାରତୀୟ ବୋଲର୍ ଲଗାତାର ୱିକେଟ୍ ହାସଲ କରି ମ୍ୟାଚ୍ ଉପରେ କବ୍‌ଜା ବଜାୟ ରଖିଥିଲେ। ଅର୍ଶଦୀପ୍ ସିଂହ ୱେଷ୍ଟ୍‌ଇଣ୍ଡିଜ୍ କ୍ୟାପ୍‌ଟେନ୍ ଶାଇ ହୋପ୍ (୫)ଙ୍କୁ ବୋଲ୍ଡ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ନମନ ଧୀର ବିପଜ୍ଜନକ ହୋଇଆସୁଥିବା ସିମରୋନ୍ ହେଟ୍‌ମାୟର୍ (୪୩)ଙ୍କୁ ଆଉଟ୍ କରି ଇଣ୍ଡିଜ୍ ଟିମ୍‌କୁ ଦ୍ୱିତୀୟ ବଡ଼ ଝଟ୍‌କା ଦେଇଥିଲେ। ରୋଭ୍‌ମାନ୍ ପୱେଲ୍ (୫)ଙ୍କୁ ଅକ୍ଷର ପଟେଲ୍ ଇଶାନ୍ କିଶନ୍‌ଙ୍କ ହାତରେ କ୍ୟାଚ୍ କରାଇଥିଲେ। କାମିଲ ପୂରନ୍ ସଂଘର୍ଷପୂର୍ଣ୍ଣ ୪୨ ରନ୍ କରି ନମନ ଧୀରଙ୍କ ବଲ୍‌ରେ ଅର୍ଶଦୀପ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଶେଷ ଆଡ଼କୁ ଶେରଫେନ୍ ରଦରଫୋର୍ଡ (୩୨), କ୍ୱେଣ୍ଟିନ୍ ସାମ୍ପସନ୍ (୨୧), କୀମୋ ପଲ୍ (୧୦) ଏବଂ ଶମାର ସ୍ପ୍ରିଙ୍ଗର୍ (୩୫*) ସଂଘର୍ଷ କରିଥିଲେ ମଧ୍ୟ ଟିମ୍‌କୁ ବିଜୟୀ କରାଇପାରି ନଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ଟି ଏବଂ ନମନ ଧୀର ୨ଟି ୱିକେଟ୍ ନେଇଥିଲେ। ଅକ୍ଷର ପଟେଲ୍ ଓ ନୀତୀଶ ରେକଡ୍ଡିଙ୍କୁ ୧-୧ ସଫଳତା ମିଳିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତକୁ ଶମାର ଜୋସେଫ୍ ପ୍ରଥମ ଝଟ୍‌କା ଦେଇଥିଲେ। ସ୍କୋର୍ ୭ ରନ୍ ଥିବାବେଳେ ଦ୍ୱିତୀୟ ଓଭର୍‌ରେ ସେ ଓପ୍ନର୍ ସଞ୍ଜୁ ସାମ୍‌ସନ୍ (୩)ଙ୍କୁ କାମିଲ୍ ପୂରନ୍‌ଙ୍କ ହାତରେ କ୍ୟାଚ୍ କରାଇଥିଲେ। ତେବେ ଏହାପରେ ଅଭିଷେକ ଶର୍ମା ଚୌକା ଛକା ବର୍ଷା ସହ ଇଶାନ୍ କିଶନ୍‌ଙ୍କ ସହ ଦ୍ୱିତୀୟ ୱିକେଟ୍ ପାଇଁ ୪୦ ବଲ୍‌ରେ ୧୦୮ ରନ୍ ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ। ଇଶାନ୍ କିଶନ୍ (୩୭)ଙ୍କୁ ଆଉଟ୍ କରି ରୋଷ୍ଟନ୍ ଚେଜ୍ ଏହି ପାର୍ଟନରଶିପ୍ ଭାଙ୍ଗିବା ପରେ ସେହି ଓଭର୍‌ରେ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍ (୧)ଙ୍କୁ ଆଉଟ୍ କରିଥିଲେ।

# ଇଣ୍ଡିଆ-ଏ ୪୯ ରନ୍‌ରେ ଜିତିଲା ୩ୟ ଦିନିକିଆ




ପୁଡୁଚେରୀ,(ଏଜେନ୍ସି): ଇଣ୍ଡିଆ-ଏ' ତୃତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ୍ ଦିନିକିଆରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ-ଏ'କୁ ୪୯ ରନ୍‌ରେ ହରାଇ ଦେଇଛି। ୨୭୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆ-ଏ ଏକ ସମୟରେ ୧୭୭/୩ରେ ମଜଭୁତ ସ୍ଥିତିରେ ରହିଥିଲା। ମାତ୍ର ଭାରତୀୟ ବୋଲର୍‌ମାନେ ଜୋରଦାର ପ୍ରତ୍ୟାବର୍ତ୍ତନ କରି ଅନ୍ତିମ ୭ ୱିକେଟ୍ ମାତ୍ର ୪୯ ରନ୍ ମଧ୍ୟରେ ଅକ୍ତିଆର କରିବା ସହିତ ପୂରା ଟିମ୍‌କୁ ୨୨୬ ରନ୍‌ରେ ଅଲ୍‌ଆଉଟ୍ କରିଥିଲେ। ଏହି ବିଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ-ଏ' ତିନି ମ୍ୟାଚ୍‌ର ସିରିଜ୍ ୨-୧ରେ ନିଜ ନାମରେ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଇଣ୍ଡିଆ-ଏ'ର ଆରମ୍ଭ ଭଲ ଥିଲା। ଓପ୍ନର୍ ପ୍ରିୟାଂଶ ଆର୍ଯ୍ୟ (୪୯) ଓ ପ୍ରଭସିମ୍‌ରନ୍ ସିଂହ (୩୯) ପ୍ରଥମ ୱିକେଟ୍ ପାଇଁ ୮୩ ରନ୍ ଯୋଡ଼ିଥିଲେ। ଅବଶ୍ୟ ଏାପରେ ଋତୁରାଜ ଗାଏକୱାଡ୍ (୩୩), ଦେବଦତ୍ତ ପାଡିକ୍କଲ୍ (୨) ଓ ରଜତ ପାଟିଦାର (୩) ଶସ୍ତାରେ ଆଉଟ୍ ହୋଇଥିଲେ। ଇଣ୍ଡିଆ-ଏ ସ୍କୋର୍ ୧୫୯/୬ ଥିବାବେଳେ ସୂର୍ଯ୍ୟାଂଶ ଶେଗଡ଼େ ଓ ବିପରାଜ ନିଗମ ଇନିଂସ୍ ସମ୍ଭାଳି ୭ମ ୱିକେଟ୍ ପାଇଁ ୭୭ ବଲ୍‌ରେ ୮୫ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରିଥିଲେ। ବିପରାଜ ୪୪ ବଲ୍‌ରେ ୪୦ ରନ୍ କରିଥିବା ବେଳେ ସୂର୍ଯ୍ୟାଂଶ ୬୦ ବଲ୍‌ରେ ୬୬ ରନ୍‌ର ଉନ୍ନତ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ଏହି ପାର୍ଟନରଶିପ୍ ବଳରେ ଇଣ୍ଡିଆ-ଏ ୪୭.୩ ଓଭର୍‌ରେ ୨୭୫ ରନ୍‌ର ସମ୍ମାନଜନକ ସ୍କୋର୍ କରିଥିଲେ। ଅଷ୍ଟ୍ରେଲିଆ-ଏ ପକ୍ଷରୁ ୱିଲ୍ ସଦରଲାଣ୍ଡ୍ ଓ ବେନ୍ ଡ୍ୱାରଶୁଇସ୍ ୩-୩ ୱିକେଟ୍ ନେଇଥିଲେ।

୨୭୬ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ-ଏ' ପାଇଁ ଜୋଶ୍ ଫିଲିପ୍ସ (୫୬) ଓ ଲିଆମ୍ ସ୍କଟ୍ (୨୬) ପ୍ରଥମ ୱିକେଟ୍ ପାଇଁ ୮୨ ରନ୍‌ର ପାର୍ଟନଶିପ୍ କରି ଭଲ ଆରମ୍ଭ ଦେଇଥିଲେ। ନାଥନ୍ ମ୍ୟାକ୍‌ସ୍ୱିନୀ (୩୯) ଓ ଲାଚଲାନ୍ ଶ (୩୧) ମଧ୍ୟ ଉନ୍ନତ ବ୍ୟାଟିଂ କରିଥିଲେ। ଟିମ୍ ୩ ୱିକେଟ୍‌ରେ ୧୭୭ ରନ୍ କରି ମଜଭୁତ ସ୍ଥିତିରେ ରହିଥିଲା। ମାତ୍ର ଏହାପରେ ଗୁରଜପନୀତ ସିଂହ (୩/୫୬), ୟଶ୍ ାକୁର (୨/୩୮) ଏବଂ ନିଶାନ୍ତ ସିନ୍ଧୁ (୨/୩୨) ଘାତକ ବୋଲିଂ କରି ଟିମ୍‌କୁ ୪୬.୨ ଓଭର୍‌ରେ ୨୨୬ ରନ୍‌ରେ ଅଲ୍‌ଆଉଟ୍ କରି ଦେଇଥିଲେ। ଅଷ୍ଟ୍ରେଲୀୟ ଟିମ୍ ନିଜର ଅନ୍ତିମ ୭ ୱିକେଟ୍ ମାତ୍ର ୪୯ ରନ୍ ମଧ୍ୟରେ ହରାଇଥିଲା।

## ସମ୍ମୋହିନୀ

ସୁନ୍ଦର ଆକାଶେ ସକଳ ସୂର୍ଯ୍ୟ କି
କେଡ଼େ ମନୋହର ଆହା ଦିଶୁଛି
କଅଁଳ କିରଣ ବିଛାଇଛି ସେ
ମନ ମୋ କିଣି ନେଉଛି
ଗଛର ପତର ଖିଲି ଖିଲି ହସେ
ଫୁଲ ତା ମୁହଁ ଟେକି ଦେଇଛି
ପଦ୍ମ ପୋଖରୀରେ ପଦ୍ମଟି ଆଜି
ସୂର୍ଯ୍ୟ ପ୍ରେମେ ପଡ଼ି ଯାଇଛି
ସୁନ୍ଦର ଆକାଶେ ସକଳ ସୂର୍ଯ୍ୟ କି
କେଡ଼େ ମନୋହର ଆହା ଦିଶୁଛି
ମଧୁମକ୍ଷିକାଟି ଫୁଲ ବଗିଚା କୁ
ମଧୁ ସନ୍ଧାନରେ ଆସିଛି
କୁସୁମ ଗୁଡ଼ିକ ଫୁଲ ବଗିଚାକୁ
କେଡ଼େ ଚହକାଇ ଦେଉଛି
ସୁନ୍ଦର ଆକାଶେ ସକଳ ସୂର୍ଯ୍ୟ କି
ଆହା କେଡ଼େ ମନୋହର ଦିଶୁଛି
ବାଟୋଇ ଭାଇଟି ତା ଚଲା ପଥରେ
ଆଗକୁ ଜେବେରେ ଦେଖୁଛି
ଦୂର ଦୂର ଯାଏଁ ତା ଦୃଷ୍ଟିପଥ
ସମ୍ମୋହିତ କରି ନେଉଛି
ସୁନ୍ଦର ଆକାଶେ ସକଳ ସୂର୍ଯ୍ୟ କି
କେଡ଼େ ମନୋହର ଆହା ଦିଶୁଛି
ସ୍ୱର୍ଗ ସହିତ ମିଳନ ସାଗରେ
ମନମୁଗ୍ଧ ଦୃଶ୍ୟ ରହିଛି
ଶସ୍ୟ ଶ୍ୟାମଳା ସୁନାର କିରଣେ
ଏ ଚିତ୍ରମାଳା ସମ୍ମୋହନ କରି ନେଉଛି
ସୁନ୍ଦର ଆକାଶେ ସକଳ ସୂର୍ଯ୍ୟ କି
କେଡ଼େ ମନୋହର ଆହା ଦିଶୁଛି।

**ତୁଳସୀ ସାହୁ**
ଆଡ଼ିପଡ଼ା, ନୂଆଗାଁ, ନୟାଗଡ଼

## ଗୁରୁ - ଜୀବନର ଆଲୋକ



ଅଜ୍ଞାନର ଅନ୍ଧାର ରାତିରେ
ଆପଣ ଜଳାଇଲେ ଜ୍ଞାନର ଦୀପ,
ଅଚିହ୍ନା ପଥର ନୀରବ ଯାତ୍ରାରେ
ଦେଖାଇଲେ ସ୍ୱପ୍ନର ସୁନା ଦିଗ।
ଆଙ୍ଗୁଠି ଧରି ଚାଲିବା ଶିଖାଇ
ଶବ୍ଦ ଦେଇ ଭାଷା ଦେଲେ,
ଅକ୍ଷର ମାଳାର ପ୍ରତିଟି ମଣିରେ
ଜୀବନର ଅର୍ଥ ଲେଖିଦେଲେ।
ଭୁଲ କଲେ କେବେ ରୁଷିଗଲେ
ତଥାପି ଥିଲା ଆଶୀର୍ବାଦ,
ପଡିଗଲେ ଉଠିବା ଶିଖାଇ
ହୃଦୟେ ଭରିଲେ ସାହସର ସ୍ୱାଦ।
କେବଳ ପାଠ ଶିଖାଇଲେ ନୁହେଁ
ଶିଖାଇଲେ ମଣିଷ ହେବା,
ପରର ଦୁଃଖେ ଲୁହ ଝରାଇ
ସତ୍ୟ ପଥେ ଆଗେଇ ଯିବା।
ଆପଣଙ୍କ ଶବ୍ଦ ଆଜି ବି ଶୁଭେ
ସ୍ମୃତିର ନୀରବ କୋଣେ,
ଆପଣଙ୍କ ଶିକ୍ଷା ଆଲୋକ ହୋଇ
ଜଳୁଛି ଜୀବନର ପ୍ରତିକ୍ଷଣେ।
ବିଶ୍ୱ ଶିକ୍ଷକ ଦିବସରେ ଆଜି
ନାହିଁ ଆମ ପାଖେ ମହାନ ଦାନ,
କୃତଜ୍ଞ ହୃଦୟର ଦୁଇଟି ଶବ୍ଦ -
'ଗୁରୁଦେବ, ଆପଣଙ୍କୁ ଶତ ପ୍ରଣାମ।'
ଆପଣ ଅଛନ୍ତି ବୋଲି ତ ଆମେ
ସ୍ୱପ୍ନକୁ ଛୁଇଁବା ଶିଖିଛୁ,
ଆପଣଙ୍କ ଆଲୋକ ଧରି ହାତେ
ନିଜ ଭବିଷ୍ୟତ ଗଢ଼ିଛୁ।
ଗୁରୁ ନୁହେଁ କେବଳ ଏକ ନାମ
ଗୁରୁ ତ ଜୀବନର ଆଲୋକଧାମ,
ଯେଉଁଠି ଶିକ୍ଷା, ସେଇଠି ଆଶା -
ଯେଉଁଠି ଗୁରୁ, ସେଇଠି ନୂଆ ଉଷା।

**ଛବିଳ କୁମାର ସାହୁ**
କଳା ଶିକ୍ଷକ, କୁଣ୍ଡାପିଠା ଉଚ୍ଚ
ବିଦ୍ୟାଳୟ, କୁଣ୍ଡାପିଠା
ଦେବଗଡ଼
ମୋ-୯୯୩୮୦୯୯୪୯୬

## ଅଶିଣରେ ନାହିଁ ମେଘର କଷଣ

ଅଶିଣରେ ନାହିଁ ମେଘର କଷଣ  ନିର୍ମଳ
ଆକାଶ ଦିଶେ
ଶରତ ଖୋଲିଛି ପାର୍ବଣ ପଶରା
ମନରେ ରୋମାଞ୍ଚ ଆସେ ॥
କାଶତଣ୍ଡୀ ଫୁଲ ହଲିହଲି କହେ
ଦୁର୍ଗା ମାତା ଆସୁଛନ୍ତି
ନିର୍ମଳ ମନରେ ଉପାସନା କଲେ
ମିଳିବ ସକଳ ଶାନ୍ତି ॥
ଶୁଭ୍ର ରଙ୍ଗ ଧରି କାଶତଣ୍ଡୀ ଫୁଲ
ଫୁଟିଅଛି ଚାରିଆଡେ
ତା' ବିନା ଶରତ ଆସେନି ଧରାକୁ
ଅଧା ବାଟେ ମୁହଁ ମୋଡ଼େ ॥
ଅଶିଣରେ ନାହିଁ ମେଘର କଷଣ  ନିର୍ମଳ
ଆକାଶ ଦିଶେ
ଶରତ ଖୋଲିଛି ପାର୍ବଣ ପଶରା
ମନରେ ରୋମାଞ୍ଚ ଆସେ ॥
ଶରତ ପ୍ରେମରେ ଧରଣୀ ହସୁଛି
ଦୁର୍ଗାଙ୍କର ଆଗମନ
ଆଶୀଷ ଟିକିଏ ପାଇବା ପାଇଁ କି
କରୁଅଛି ନିବେଦନ ॥
ଧରଣୀରେ କେତେ ଅହଂକାର ଚାଲେ
ଅନ୍ୟାୟ  ଦୁର୍ନୀତି ଦିଶେ
ଚାରିଆଡେ ଖାଲି ଦୁଷ୍କର୍ମ ଘଟଣା
ଶୁଣି ଶୁଣି ଭୟ ଆସେ ॥
ସମାଜ ଆଖିରେ କୁସଂସ୍କାର ପଟି
ଅନ୍ଧବିଶ୍ୱାସର ଚିନ୍ତା
ଗୁଣି ଗାରେଡ଼ିକୁ ଶିକ୍ଷିତ ମାନନ୍ତି
ଧରୁଛନ୍ତି ଭୁଲ ରାସ୍ତା ॥
ଆସ ଦୁର୍ଗା ଦେବୀ ମର୍ତ୍ତ୍ୟକୁ ଓହ୍ଲାଇ
ମହୀଷାଙ୍କୁ କର ନାଶ
ତୁମ ଉପାସନା ଖୁସି ଆଣିଦେବ
ଦୁର୍ନୀତି ହୋଇବ ଶେଷ ॥
ଅଶିଣରେ ନାହିଁ ମେଘର କଷଣ  ନିର୍ମଳ
ଆକାଶ ଦିଶେ
ଶରତ ଖୋଲିଛି ପାର୍ବଣ ପଶରା
ମନରେ ରୋମାଞ୍ଚ ଆସେ ॥

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା
ମୋ: ୯୩୩୭୩୩୫୮୩୮

ଜାତୀୟ ଚେତନା
JATIYA CHETANA



# ଅକ୍ଷୟ-ହରଙ୍କ ସଫଳ ଯାତ୍ରା

ଓଡ଼ିଶାର କଳା ଓ ସଂସ୍କୃତି ଜଗତର ଦୁଇ ମହାନ ପ୍ରତିଭା ତଥା ଦିଗ୍‌ଗଜ କଳାକାର ଅକ୍ଷୟ ମହାନ୍ତି ଏବଂ ହର ପଟ୍ଟନାୟକଙ୍କ ଜନ୍ମଦିନ ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖରେ ପାଳନ କରାଯାଇଥାଏ। ଏହି ଦୁଇ ପ୍ରତିଭାବାନ ବ୍ୟକ୍ତିତ୍ୱ ନିଜ ନିଜ କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚି ଓଡ଼ିଆ କଳା ଜଗତକୁ ସମୃଦ୍ଧ କରିଯାଇଛନ୍ତି। ଯୋଗଜନ୍ମା ଅକ୍ଷୟ ମହାନ୍ତି ଏକାଧାରରେ ଜଣେ ପ୍ରଖ୍ୟାତ ଗାୟକ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, ଅଭିନେତା ଓ ସାହିତ୍ୟିକ ଥିଲେ। ସେହିପରି ହର ପଟ୍ଟନାୟକ ମଧ୍ୟ ଜଣେ ସୁଅଭିନେତା ଏବଂ ଦକ୍ଷ ନିର୍ଦ୍ଦେଶକ ଭାବେ ଅପୂର୍ବ ସଫଳତା ଅର୍ଜନ କରିଥିଲେ। ୧୯୯୦ ଦଶକରେ ଏହି ଦୁଇ ପ୍ରତିଭାଙ୍କ ମିଳନ ଏକ ଯାଦୁକରୀ ଯୋଡ଼ି ସୃଷ୍ଟି କରିଥିଲା, ଯାହା ଓଡ଼ିଆ ଦର୍ଶକଙ୍କୁ ତିନୋଟି ଅତି ମନଛୁଆଁ ଏବଂ ସ୍ମରଣୀୟ ଚଳଚ୍ଚିତ୍ର ଉପହାର ଦେଇଥିଲା।



ନିର୍ଦ୍ଦେଶକ ଭାବେ ହର ପଟ୍ଟନାୟକଙ୍କ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଥିଲା ୧୯୯୦ ମସିହାରେ ମୁକ୍ତିଲାଭ କରିଥିବା 'ଦଇବ ଦଉଡ଼ି'। ସୁରେନ୍ଦ୍ର ରାଉତଙ୍କ ପ୍ରଯୋଜିତ ଏହି ସିନେମାରେ ଉତ୍ତମ ମହାନ୍ତି, ରେଖା ରାଓ, ବ୍ରଜ, ବାଙ୍କୁ, ଜୟୀ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବୋଷ ଏବଂ ଖୋଦ୍ ନିର୍ଦ୍ଦେଶକ ହର ପଟ୍ଟନାୟକ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଖୋକାଭାଇ ଓରଫ ଅକ୍ଷୟ ମହାନ୍ତିଙ୍କୁ ଏହି ସିନେମାର ସଙ୍ଗୀତ ନିର୍ଦ୍ଦେଶନା ଦେବା ପାଇଁ ହର ପଟ୍ଟନାୟକ ବିଶେଷ ଭାବେ ଅନୁରୋଧ କରିଥିଲେ ଏବଂ ଅକ୍ଷୟ ମଧ୍ୟ ଏଥିପାଇଁ ରାଜି ହୋଇଥିଲେ। ଅକ୍ଷୟ ମହାନ୍ତି ଓ ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଏହାର ଗୀତଗୁଡ଼ିକ ରଚନା କରିଥିଲେ। ହର-ଅକ୍ଷୟ ଯୋଡ଼ିର ଏହି ପ୍ରଥମ ସିନେମାଟି ବକ୍ସ ଅଫିସ୍‌ରେ ଏକ ବଡ଼ ସଫଳତା ସାବ୍ୟସ୍ତ ହୋଇଥିଲା। ଏଥିରେ ଥିବା 'ଢେଉ ପରେ ଢେଉ...', 'ବଗିଚାର ନାଆଁ ତିନିକୋଣିଆ...', 'ସମୟର ଚକ ଯାଏ ଘୁରିଘୁରିକା...' ଏବଂ 'ଯଦି ମରିବା ତେବେ ପ୍ରେମ କରି...' ଆଦି ଗୀତଗୁଡ଼ିକ ଦର୍ଶକଙ୍କ ପ୍ରାଣକୁ ଛୁଇଁପାରିଥିଲା। ବିଶେଷ କରି 'ସମୟର ଚକ ଯାଏ...' ଗୀତ ପାଇଁ ଲୋକପ୍ରିୟ କଣ୍ଠଶିଳ୍ପୀ ସୁବାସ ଦାଶଙ୍କୁ ଶ୍ରେଷ୍ଠ ଗାୟକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସିନେମାରେ ଅକ୍ଷୟ ମହାନ୍ତି, ବିବୁ ଦାସ ଓ ଗୀତା ଦାଶ ପ୍ରମୁଖ କଣ୍ଠଦାନ କରିଥିଲେ। ଏହାପରେ ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ଓଡ଼ିଆ ସିନେମା 'ଚକାଡୋଳା କରୁଛି ଲୀଳା' (୧୯୯୦)ରେ ମଧ୍ୟ ସଙ୍ଗୀତ ସଂଯୋଜନା କରିଥିଲେ ଅକ୍ଷୟ ମହାନ୍ତି। ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ନିବେଦିତ ତଥା ଅମୀୟ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମଟି ବେଶ୍ ଚର୍ଚ୍ଚିତ ହୋଇଥିଲା। ଏଥିରେ ଅକ୍ଷୟ ମହାନ୍ତି ଓ ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଗୀତିକାର ଥିବାବେଳେ କଣ୍ଠଦାନ କରିଥିଲେ ଅକ୍ଷୟ ମହାନ୍ତି, ବିବୁ ଦାସ, ସୁରଜିତ ଦାସ ଓ କବିତା କ୍ରିଷ୍ଣମୂର୍ତ୍ତି। 'ଭଲ ହେଲା ଭଲପାଇ...', 'ତାକ୍‌ଧିନ୍ ତାକ୍‌ଧିନ୍ ଥେଇ...' ଓ 'ଚକାଡୋଳା କରୁଛି ଲୀଳା...' ଭଳି ଗୀତଗୁଡ଼ିକ ଅତ୍ୟନ୍ତ ଶ୍ରୁତିମଧୁର ହୋଇଥିଲା। ଏହି ଚଳଚ୍ଚିତ୍ରରେ ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ରେଖା ରାଓ, ନବାଗତା ଅନୁରାଧା, ଦୁଃଖୀରାମ ସ୍ୱାଇଁ, ରାଇମୋହନ, ଜୟୀ, ସୁଜାତା ଆନନ୍ଦ, ଦେବୁ ବୋଷ, ମିହିର ଦାସ ଓ ହର ପଟ୍ଟନାୟକ ପ୍ରମୁଖ ଅଭିନୟ କରିଥିଲେ।

ହର-ଅକ୍ଷୟ ଯୋଡ଼ିଙ୍କର ଏକାଠି କାମ କରିଥିବା ଶେଷ ତଥା ଅନ୍ତିମ ସିନେମାଟି ଥିଲା 'କପାଳ ଲିଖନ' (୧୯୯୧)। ଏହି ସିନେମାରେ ଅକ୍ଷୟ ମହାନ୍ତିଙ୍କ ସହ କାମ କରି ହ୍ୟାଟ୍ରିକ୍ ସୃଷ୍ଟି କରିଥିଲେ ନିର୍ଦ୍ଦେଶକ ହର ପଟ୍ଟନାୟକ। ଏହାର ଗୀତଗୁଡ଼ିକ ଯଥା 'ସାଥୀ ମୋ ଜୀବନସାଥୀ...', 'ଗୀତା ଆଇ ଲଭ ୟୁ...', 'ଆଜି ଖୁସିରେ ହେବି ମୁଁ ପାଗଳ...', 'କାଳିଆ ସୁନାରେ କାଳିଆ ସୁନା...', 'ଆରେ ଜହ୍ନ ଆ...', 'ବଡ଼ ନିରିମମ କପାଳ ଲିଖନ...' ଏବଂ 'ଯୋଡ଼ିରେ ଯୋଡ଼ି ହୁକୁହୁକୁ ହାଏ ହାଏ...' ଓଡ଼ିଶାର ପ୍ରତିଟି ସଙ୍ଗୀତପ୍ରେମୀଙ୍କ ମନକୁ ମଜାଇ ଦେଇଥିଲା। ଏହି ଗୀତଗୁଡ଼ିକରେ ଅକ୍ଷୟ ମହାନ୍ତି, ସୁରେଶ ୱାଡେକର, ସୁଦେଶ ଭୋଁସଲେ, କବିତା କ୍ରିଷ୍ଣମୂର୍ତ୍ତି ଓ ସାଧନା ସରଗମ୍ କଣ୍ଠଦାନ କରିଥିଲେ। ଗୀତଗୁଡ଼ିକୁ ଅକ୍ଷୟ ମହାନ୍ତି, ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଏବଂ ଡାକ୍ତର ସୁବୋଧ ପଟ୍ଟନାୟକ ରଚନା କରିଥିଲେ। ଶୈଳବାଳା ଲେଙ୍କାଙ୍କ ପ୍ରଯୋଜନାରେ ନିର୍ମିତ ଏହି ସିନେମାରେ ଉତ୍ତମ ମହାନ୍ତି, ଅଜିତ ଦାସ, ରେଖା ରାଓ, ଅପରାଜିତା, ଦୁଃଖୀରାମ ସ୍ୱାଇଁ, ଜୟୀ, ନରି, ବାଙ୍କୁ, ରୁନୁ, ବିଜୟ ମହାନ୍ତି ଓ ହର ପଟ୍ଟନାୟକ ଅଭିନୟ କରିଥିଲେ। 'କପାଳ ଲିଖନ'ର ଅପାର ସଫଳତା ପରେ ହର ପଟ୍ଟନାୟକ ତାଙ୍କ ପରବର୍ତ୍ତୀ ନିର୍ଦ୍ଦେଶିତ କୌଣସି ସିନେମାରେ ଅକ୍ଷୟ ମହାନ୍ତିଙ୍କ ସହ ଆଉ କାମ କରି ନଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ବିକାଶ ଦାସ, ସୁବାସ ରାମ, ମନ୍ମଥ ମିଶ୍ର, ଶିବୁ ଜେନା ଓ ସ୍ୱରୂପ ନାୟକଙ୍କ ପରି ଅନ୍ୟାନ୍ୟ ସଙ୍ଗୀତକାରମାନଙ୍କ ସହ କାମ କରିଥିଲେ।

# କାର୍ଗିଲରେ ଆରମ୍ଭ ହେଲା ଫିଲ୍ମ 'ଚୌହାନ୍'ର ସୁଟିଂ

ବଲିଉଡ୍‌ର ଜଣାଶୁଣା ଅଭିନେତା ଅଜୟ ଦେବଗନ୍ ନିଜର ଆଗାମୀ ବହୁପ୍ରତୀକ୍ଷିତ ଯୁଦ୍ଧଭିତ୍ତିକ ଫିଲ୍ମ 'ଚୌହାନ୍' ପାଇଁ ଏବେ ଚର୍ଚ୍ଚାରେ ଅଛନ୍ତି। ଚଳିତ ବର୍ଷ 'ଦୃଶ୍ୟମ୍ ଦି କନ୍‌କ୍ଲୁଜନ୍' ଜରିଆରେ ବକ୍ସ ଅଫିସ୍‌ରେ ଏକ ବ୍ଲକବଷ୍ଟର ଫିଲ୍ମ ଭେଟି ଦେଇଥିବା ଅଜୟ ଆସନ୍ତା ବର୍ଷ ମଧ୍ୟ ସମୟରେ ଏକ ନୂଆ ଅନ୍ଦାଜରେ ପରଦାକୁ ଆସିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି କ୍ରମରେ ତାଙ୍କର ଏହି ନୂତନ ଫିଲ୍ମର ସୁଟିଂ କାର୍ଗିଲ୍‌ର ମନୋରମ ପାହାଡ଼ିଆ ଅଞ୍ଚଳରେ ଆରମ୍ଭ ହୋଇଯାଇଛି।

ସୂଚନା ଅନୁଯାୟୀ, ଅଜୟ ଦେବଗନ୍ କିଛି ଦିନ ପୂର୍ବରୁ କାର୍ଗିଲ୍‌ରେ ପହଞ୍ଚି ସୁଟିଂ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ଏହି ପାହାଡ଼ିଆ ସହରରେ ଫିଲ୍ମର କିଛି ଗୁରୁତ୍ୱପୂର୍ଣ୍ଣ ଏବଂ ଆକର୍ଷକ ଦୃଶ୍ୟର ସୁଟିଂ କରାଯାଉଛି। ନିର୍ମାତାମାନେ ପୂର୍ବରୁ ଆବଶ୍ୟକୀୟ ଅନୁମତି ନେଇ ସୁଟିଂକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ତେବେ ଲଦାଖ କିମ୍ବା କାର୍ଗିଲ୍ ?ରେ ଅଜୟ ଦେବଗନ୍‌ଙ୍କ ପାଇଁ ସୁଟିଂ କରିବା ଏହା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ସେ ପ୍ରସିଦ୍ଧ ନିର୍ଦ୍ଦେଶକ ଜେ.ପି. ଦତ୍ତାଙ୍କର ଯୁଦ୍ଧଭିତ୍ତିକ ଫିଲ୍ମ 'ଏଲ୍‌ଓସି: କାର୍ଗିଲ୍' (୨୦୦୩)ର କିଛି ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟର ସୁଟିଂ ମଧ୍ୟ ଏହି ଅଞ୍ଚଳରେ କରିଥିଲେ। ସେତେବେଳେ ଲଦାଖ ଅବିଭକ୍ତ ଜମ୍ମୁ-କାଶ୍ମୀରର ଅଂଶ ଥିବାବେଳେ, ୨୦୧୯ ମସିହାରେ ଏହା ଏକ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରିଥିଲା ଏବଂ ଏହାର ଦୁଇଟି ପ୍ରମୁଖ ପ୍ରଶାସନିକ କେନ୍ଦ୍ର ହେଉଛି ଲେହ ଓ କାର୍ଗିଲ୍। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ନୀରଜ ଯାଦବ ସମ୍ଭାଳୁଥିବାବେଳେ ଜ୍ୟୋତି ଦେଶପାଣ୍ଡେ, ଆନନ୍ଦ ଏଲ୍. ରାୟ ଏବଂ ହିମାଂଶୁ ଶର୍ମା 'ଜିଓ ଷ୍ଟୁଡିଓସ୍' ଓ 'କଲର୍ ୟେଲୋ ପ୍ରଡକ୍ସନ୍ସ' ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି। ଅଜୟ ଦେବଗନ୍ ?ଙ୍କ ପିତା ତଥା ଦିବଂଗତ ଆକ୍ସନ୍ ନିର୍ଦ୍ଦେଶକ ବୀରୁ ଦେବଗନ୍ ?ଙ୍କ ଜନ୍ମବାର୍ଷିକୀ ଅବସରରେ ୨୦୨୬ ଜୁନ୍ ୨୫ ତାରିଖରେ ଏହି ଫିଲ୍ମର ଟାଇଟଲ୍ ଘୋଷଣା କରାଯାଇଥିଲା। ସବୁକିଛି ଠିକ୍ ?ଠାକ୍ ରହିଲେ ଏହା ୨୦୨୭ ଅକ୍ଟୋବର ୧ ତାରିଖରେ ସିନେମା ହଲ୍ ?ରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ଫିଲ୍ମର ଘୋଷଣା ଭିଡିଓରେ ପୃଷ୍ଠଭୂମିରେ 'ଜୁମ୍ମା ଚୁମ୍ମା ଦେ ଦେ' ଗୀତ ବାଜିବା ସହିତ "ପଠାନମାନଙ୍କୁ କହିଦିଅ, ଚୌହାନ୍ ଆସୁଛି" ଶୈଳୀର ଏକ ଜବରଦସ୍ତ ସଂଳାପ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ଫିଲ୍ମ ଜରିଆରେ ଅଜୟ ଦେବଗନ୍ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ତଥା ନିର୍ମାତା ଆନନ୍ଦ ଏଲ୍. ରାୟଙ୍କ ସହ କାମ କରିବାକୁ ଯାଉଛନ୍ତି। ଜିଓ ଷ୍ଟୁଡିଓସ୍ ଏହି ସିନେମାର ମୁଖ୍ୟ ନିବେଦକ ଓ ପ୍ରଯୋଜକ ଭାବେ କାର୍ଯ୍ୟ କରୁଛି।

## ଭାରତୀୟ ସିନେମା ଜଗତର ଅମର ପ୍ରତିଭା

# ଅଭିନେତା ନାନା ପାଟେକର



ଭାରତୀୟ ଚଳଚ୍ଚିତ୍ର ଜଗତ ପାଇଁ ଏକ ଅତ୍ୟନ୍ତ ଦୁଃଖଦ ଏବଂ ମର୍ମାହତ ଖବର ସାମ୍ନାକୁ ଆସିଛି। ନିଜର ବଳିଷ୍ଠ ଅଭିନୟ ଏବଂ ଓଜସ୍ୱନୀ ସ୍ୱର ପାଇଁ ସାରା ଦେଶରେ ପରିଚିତ ଥିବା ବିଶିଷ୍ଟ ଭେଟେରାନ ଅଭିନେତା ନାନା ପାଟେକର ଏହି ମାୟାବୀ ସଂସାରକୁ ଅଲବିଦା କହି ପରଲୋକ ଗମନ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କର ଏପରି ଅକାଳ ବିୟୋଗରେ ସମଗ୍ର ଚଳଚ୍ଚିତ୍ର ଜଗତ ଏବଂ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ଗୋଆସ୍ଥିତ ନିଜ ବାସଭବନରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଭାବେ ଖରାପ ହୋଇଯାଇଥିଲା। ଘରେ ହିଁ ତାଙ୍କୁ ହୃଦ୍‌ଘାତ (କାର୍ଡିଆକ୍ ଆରେଷ୍ଟ) ହୋଇଥିବା ଜଣାପଡିଛି। ପରିବାର ଓ ସହଯୋଗୀମାନେ ତୁରନ୍ତ ତାଙ୍କୁ ହସ୍ପିଟାଲକୁ ନେଇଥିଲେ ଏବଂ ଡାକ୍ତରମାନେ ପ୍ରାୟ ୪୫ ମିନିଟ୍ ଧରି କ୍ରମାଗତ ଭାବେ ଜୀବନରକ୍ଷା ପାଇଁ ସିପିଆର୍ ପ୍ରଦାନ କରିଥିଲେ ମଧ୍ୟ ତାଙ୍କୁ ବଞ୍ଚାଯାଇପାରି ନଥିଲା। ସକାଳ ୫ଟା ୨୦ ମିନିଟ୍ ସମୟରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ମେଡିକୋ-ଲିଗାଲ୍ କେସ୍ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମଣିପାଲ ହସ୍ପିଟାଲ୍ ଅଙ୍କୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଶେଖର ସାଲକର ସୂଚନା ଦେଇଛନ୍ତି। ୧ ଜାନୁଆରୀ ୧୯୫୧ ମସିହାରେ ମହାରାଷ୍ଟ୍ରର ରାୟଗଡ ଜିଲ୍ଲାର ମୁରୁଦ-ଜାନଜିରାର ଏକ ମରାଠୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ନାନା ପାଟେକର (ପ୍ରକୃତ ନାମ ବିଶ୍ୱନାଥ ପାଟେକର)। ସେ ୧୯୭୮ ମସିହାରେ 'ଗମନ' ଚଳଚ୍ଚିତ୍ର ଜରିଆରେ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ଏହାପରେ ସେ 'ସିଂହାସନ୍', 'ଅଙ୍କୁଶ', 'ପ୍ରତିଘାତ' ଏବଂ 'ସଲାମ ବମ୍ବେ !' ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ନିଜର ଜବରଦସ୍ତ ଅଭିନୟର ଯାଦୁ ଦେଖାଇଥିଲେ। ୧୯୯୨ ମସିହାରେ 'ଅଙ୍ଗାର' ଚଳଚ୍ଚିତ୍ର ପାଇଁ ତାଙ୍କୁ ଶ୍ରେଷ୍ଠ ଖଳନାୟକ ଭାବରେ ପ୍ରତିଷ୍ଠିତ ଫିଲ୍ମଫେୟାର ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି 'କ୍ରାନ୍ତିବୀର' (୧୯୯୪) ତାଙ୍କ କ୍ୟାରିଅରର ସବୁଠାରୁ ସ୍ମରଣୀୟ ଏବଂ ମାଇଲଖୁଣ୍ଟ ସୃଷ୍ଟି କଲାଭଳି ଚଳଚ୍ଚିତ୍ର ଥିଲା, ଯାହା ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ନିଜର ଦୀର୍ଘ ଅଭିନୟ ଜୀବନରେ ସେ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଚାରିଟି ଫିଲ୍ମଫେୟାର ପୁରସ୍କାର ଏବଂ ଅନେକ ସମ୍ମାନଜନକ ପୁରସ୍କାର ଅର୍ଜନ କରିଥିଲେ। ସିନେମା ଏବଂ କଳା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୨୦୧୩ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ଦେଶର ଚତୁର୍ଥ ସର୍ବୋଚ୍ଚ କାଳ୍ପନିକ ନାଗରିକ ସମ୍ମାନ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ମୃତ୍ୟୁର ମାତ୍ର କିଛି ଦିନ ପୂର୍ବରୁ ଗୋଆର ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଯେଉଁ କଥା କହିଥିଲେ, ତାହା ଆଜି ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଛି। ଅକ୍ଟୋବର ୪ ତାରିଖରେ ପାଣାଜିର ଡୋନା ପାଉଲା ନିକଟସ୍ଥ ସମ୍ରାଟ ଇଣ୍ଟରନାଶାନଲ କ୍ଲବରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଠିଆ ହୋଇ ସେ ନିଜର ପରଲୋକଗତ ବନ୍ଧୁ ତଥା ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କୁ ସ୍ମରଣ କରି କହିଥିଲେ, 'ମୁଁ ଜାଣେନି, ମୁଁ କାଲି ଥିବି କି ନାହିଁ..'। ସେତେବେଳେ କେହି ବି ଜାଣି ନଥିଲେ ଯେ ତାଙ୍କର ଏହି କଥା ଏତେଶୀଘ୍ର ଏକ ହୃଦୟବିଦାରକ ସତ୍ୟରେ ପରିଣତ ହୋଇଯିବ। ସେହି କାର୍ଯ୍ୟକ୍ରମରେ ସେ କେବଳ ବକ୍ତବ୍ୟ ରଖି ନଥିଲେ, ବରଂ ସ୍ଥାନୀୟ ନୃତ୍ୟଦଳ ସହିତ ମିଶି ପାରମ୍ପରିକ ବାଦ୍ୟର ତାଳେ ତାଳେ 'ଡେକନି' ଲୋକନୃତ୍ୟ ମଧ୍ୟ ପରିବେଷଣ କରିଥିଲେ। ଜଣେ ନିଖୁଣ ଅଭିନେତା, ଜଣେ ସମାଜସେବୀ ଏବଂ ଜଣେ ଭୂମିପୁତ୍ର ଭାବେ ନାନା ପାଟେକର ସବୁଦିନ ପାଇଁ ଦର୍ଶକଙ୍କ ହୃଦୟରେ ଅମର ହୋଇ ରହିବେ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ